### ଆଜି ବିଧାନସଭା ସମ୍ମୁଖରେ ଧାରଣା

# ତାଳଚେରକୁ ଜିଲ୍ଲା ମାନ୍ୟତା ଦାବିର ଗଣଧାରଣାକୁ ବର୍ଷେ



**ତାଳଚେର, ୪।୧୨(ସମିସ):** ତାଳଚେରକୁ ଜିଲ୍ଲା ମାନ୍ୟତା ଦାବିରେ ତାଳଚେର ଜିଲ୍ଲା କ୍ରୀଡ଼ାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ବର୍ଷେ ପୂରିଛି। ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ସାମିଲ ହୋଇ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି। ତାଳଚେର, ପାଲଲହଡ଼ା ଓ ପରଜଙ୍ଗକୁ ନେଇ ତାଳଚେର ଜିଲ୍ଲା ଗଠନ ଦାବି ଜୋର ଧରିଥିଲା। ସେବେଠାରୁ ଚୈତନ୍ୟ ପ୍ରଧାନଙ୍କ ନେତୃତ୍ୱରେ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। କେଶବ ଭୂତିଆ ଓ ଅଭୟ ପାଣିଙ୍କ କହିବା ଅନୁଯାୟୀ, ୧୯୯୩ରେ ଯେତେବେଳେ ବିଜୁ ପଟ୍ଟନାୟକ ୩୦ଟି ଜିଲ୍ଲା ଗଠନ କରିଥିଲେ ସେତେବେଳେ ତାଳଚେର ଓ ପାଲଲହଡ଼ାକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରିବା ପାଇଁ ତାଳଚେରବାସୀଙ୍କ ପକ୍ଷରୁ ତୀବ୍ର ଦାବି ହୋଇଥିଲା। ସେତେବେଳେ ଏହାକୁ ଆଗାମୀ ଦିନରେ ୩୧ତମ ଜିଲ୍ଲା ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏନ୍‌ଟିପିସି ଏବଂ ସାର କାରଖାନା ଏଠାରେ ଅବସ୍ଥିତ ଥିବାରୁ ତାଳଚେର ଭାରତର ସବୁଠାରୁ ଧନୀ କୋଇଲା ବେଲ୍ଟ ମଧ୍ୟରୁ ଏକ ହୋଇଥିବାରୁ ଅଲଗା ଜିଲ୍ଲା ହେବାର ଯୋଗ୍ୟ। ଲୋକଙ୍କ ସମସ୍ୟା ଏବଂ ଶିଳ୍ପ ସମସ୍ୟାର ସମାଧାନ ପାଇଁ ଏଠାରେ ଏକ ଜିଲ୍ଲା କାର୍ଯ୍ୟାଳୟ ଅତ୍ୟନ୍ତ ଆବଶ୍ୟକ। ସେମାନେ କହିଛନ୍ତି, ଯଦି ଦାବି ପୂରଣ ନ ହୁଏ ତେବେ ଶୀଘ୍ର ଏହା ଏକ ଆନ୍ଦୋଳନରେ ପରିଣତ ହେବ। ତେବେ ତାଳଚେର ଜିଲ୍ଲା ଘୋଷଣା ଦାବିରେ ବୁଧବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି କ୍ରୀଡ଼ାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉଦ୍‌ଯାପିତ



**କିଶୋରନଗର, ୪।୧୨(ସମିସ):** କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉଦ୍‌ଯାପିତ ହୋଇଯାଇଛି। ଜୟକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ବୀଣାପାଣି ସାହୁ, ତରଣୀସେନ ସାହୁ, ପୁରୁଷୋତ୍ତମ ସାହୁ, ରୁଚିସ୍ମିତା ପରିଡ଼ା, ଶୁଭଶ୍ରୀ ବିଶ୍ୱାଳ, ନଳିନ ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ବକ୍ତୃତା, ସଙ୍ଗୀତ, ଝୋଟି, ରଙ୍ଗୋଲି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟ, ମେହେନ୍ଦି, ବ୍ୟାଡମିଣ୍ଟନ, ଭଲି, କବାଡି, ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ଡାକ୍ତରର ମନୋରଞ୍ଜନ ବକ୍ସି, ଶିକ୍ଷାବିତ କାଶୀନାଥ ପ୍ରଧାନ, ସାମ୍ବାଦିକ ସଞ୍ଜୟ ଦାଶ, ସରପଞ୍ଚ ସଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ଅଧ୍ୟକ୍ଷ ଅକ୍ଷୟ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଉପଜିଲ୍ଲାପାଳ ଡକ୍ଟର ଜିତେନ୍ଦ୍ର ପାତ୍ର, ବିଡିଓ ବିନୋଦ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ସରପଞ୍ଚ ସଞ୍ଜିତ ସାହୁ, କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ।

## ଅନନ୍ତ ଡିଏଭିରେ ଲିଟରେଚର୍ କନକ୍ଲେଭ୍



**ତାଳଚେର, ୪।୧୨(ସମିସ):** ଏମସିଏଲ ଜଗନ୍ନାଥ କ୍ଷେତ୍ର ଅଧୀନ ଡିଏଭି ପବ୍ଲିକ୍ ସ୍କୁଲ (ଅନନ୍ତ ବିହାର) ଦ୍ୱାରା ଅନନ୍ତସ୍ଥିତ ଗ୍ରୀନଭ୍ୟାଲି ପେୟକ୍ଷାଳୟରେ ଲିଟରେଚର କନକ୍ଲେଭ୍ ଏବଂ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଏମସିଏଲ ଜଗନ୍ନାଥ କ୍ଷେତ୍ରର ମୁଖ୍ୟ ଫାଇନାନ୍ସ ମ୍ୟାନେଜର ଏ.କେ.ରାୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ରାଜଧାନୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଦୀପ୍ତ ବାରିକ, ଝଞ୍ଜା ଦାସ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ସାହିତ୍ୟ ବିଭାଗର ଅଧ୍ୟାପିକା ସୁନୀତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡିଏଭି ଓଡ଼ିଶା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସମୂହର ସଂକୁଳ ମୁଖ୍ୟା ଜ୍ୟୋତି ମିଶ୍ରଙ୍କ ଅନୁରୋଧ କ୍ରମେ ଡିଏଭି ପବ୍ଲିକ ସ୍କୁଲ (ଲିଙ୍ଗରାଜ କ୍ଷେତ୍ର)ର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି ଏବଂ ଡିଏଭି ଗାର୍ଲସ୍ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପୂଜାରୀ ଯୋଗ ଦେଇଥିଲେ। ଶିକ୍ଷକ କରୁଣାକର ସାହୁ ଏବଂ ଶିକ୍ଷକ ଧିରେନ୍ ପ୍ରଧାନ ବିଭିନ୍ନ ପ୍ରଶ୍ନ ଜରିଆରେ ଉପସ୍ଥିତ ସାହିତ୍ୟ ବିଶାରଦଙ୍କ ଉତ୍ତର ଲୋଡିଥିଲେ। ଆଇଜିଆଇଟି ସରାଙ୍ଗର ସହକାରୀ ପ୍ରଫେସର ରମେଶ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ କବିତା ସଙ୍କଳନ 'ସୃଜନୀ' ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ଡକ୍ଟର ଅନ୍ତର୍ଯ୍ୟାମୀ ସାହୁ ପୁସ୍ତକ ସମୀକ୍ଷା କରିଥିଲେ। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ବିଦ୍ୟାଳୟ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଶ୍ରୀୟା ଶାଳିନୀଙ୍କ ଦ୍ୱାରା କବିତା ପାଠୋତ୍ସବର ସଂଯୋଜନା କରାଯାଇଥିଲା। ଶିକ୍ଷୟିତ୍ରୀ କ୍ରିଷ୍ଣା ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମାନସ ରଞ୍ଜନ ମିଶ୍ର, ସମ୍ପଦ ଜେନା, ସୁଧାଂଶୁ ସ୍ୱାଇଁ, ସବ୍ୟସାଚୀ ପ୍ରଧାନ, ମହେନ୍ଦ୍ର ବେହେରା, ରୀତାରାଣୀ ତ୍ରିପାଠୀ, ଜ୍ୟୋତି ଜିନ୍ଦଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମନସ୍ୱିନୀ ନନ୍ଦ, ରଞ୍ଜନ ସାମଲ, ନିରଞ୍ଜନ ସାହୁ, ରବି ନାରାୟଣ ପଣ୍ଡା, ସୀମାଞ୍ଚଳ ପତି ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ରାଜପଥ କାମ ବିଳମ୍ବ

## କେନ୍ଦ୍ର ସରକାରଙ୍କୁ ମହେଶଙ୍କ ଚେତାବନୀ

**ତାଳଚେର ସଦର, ୪।୧୨(ସମିସ):** ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଦେଇ ଯାଇଥିବା ୩ଟି ଜାତୀୟ ରାଜପଥ ୧୪୯ ପାଲଲହଡାଠାରୁ କେନ୍ଦୁଝର, ୫୩ ନଂ ରାଜପଥ ପିତିରିଠାରୁ ଡୁବୁରୀ ଓ ୫୫ ନଂ କଟକଠାରୁ ସମ୍ବଲପୁରର ଅଗ୍ରଗତି କାର୍ଯ୍ୟ ନେଇ ଢେଙ୍କାନାଳ ସାଂସଦ ମହେଶ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ଚଳିତ ଶୀତକାଳୀନ ଅଧିବେଶନର ପ୍ରଥମ ଦିବସରେ ସେ ସଂସଦରେ ଲୋକସଭା ଅଧ୍ୟକ୍ଷଙ୍କୁ ଏ ନେଇ ପ୍ରଶ୍ନ କରିଛନ୍ତି। କାମ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ୫୩ ନମ୍ବର ଜାତୀୟ ରାଜପଥକୁ କେନ୍ଦ୍ରଗୃହ ମନ୍ତ୍ରୀ ତରବରିଆ ଭାବେ ଉଦ୍‌ଘାଟନ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ବହୁ କାମ ଏବେ ମଧ୍ୟ ବାକି ଅଛି। କେନ୍ଦ୍ରର ବିକାଶ କ୍ଷେତ୍ରରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ବର୍ଷକୁ ୧ ହଜାର କୋଟି ଟଙ୍କା ଦେଉଛି; ହେଲେ ଏହି କ୍ଷେତ୍ରର ବିକାଶ ପରିବର୍ତ୍ତେ ଏହା ଭିତରେ ଦୁର୍ଘଟଣାରେ ୩୨ଜଣଙ୍କ ଜୀବନ ଯାଇଛି। ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ତରବର ହୋଇ ପିତିରିଠାରୁ ଡୁବୁରୀ ରାସ୍ତାର ଲୋକାର୍ପଣ କରିଥିଲେ; କିନ୍ତୁ ବ୍ରାହ୍ମଣୀ, ରାମିଆଳଠାରେ ପୋଲ ନିର୍ମାଣ ଓ ପିତିରିଠାରେ ଅଣ୍ଡର ପାସ୍ କାର୍ଯ୍ୟ ହୋଇନାହିଁ। ଏହି ୩ଟି ଜାତୀୟ ରାଜପଥ କାମ ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଏହା ସମ୍ଭବ ନୁହେଁ। ୨୦୨୫ ମାର୍ଚ୍ଚ ସୁଦ୍ଧା ସରିବ କି ନାହିଁ ତାହା ପ୍ରଶ୍ନ। କେନ୍ଦ୍ର ସରକାର କିଭଳି ବିକାଶ କାର୍ଯ୍ୟ କରୁଛନ୍ତି ଢେଙ୍କାନାଳ ସଂସଦୀୟ କ୍ଷେତ୍ର ତାହାର ଏକ ଉଦାହରଣ। ଏହି କ୍ଷେତ୍ରରୁ କେନ୍ଦ୍ର ସରକାର ପାଉଥିବା ରାଜସ୍ୱର ସ୍ୱଳ୍ପ ଅନୁଦାନରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଅଧିକ ଉନ୍ନତି ହୋଇପାରିଥାନ୍ତା; କିନ୍ତୁ କେନ୍ଦ୍ର ସରକାର ଏ ବାବଦରେ କୌଣସି ପ୍ରକାର ନଜର ଦେଇନାହାନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ମହେଶ ଅନୁରୋଧ କରିବା ସହ ଚେତାବନୀ ଦେଇଛନ୍ତି। ସାଂସଦଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର ଏହି ସୂଚନା ଦେଇଛନ୍ତି।

## ବଳଦେବଜୀଉ ମନ୍ଦିର ସିଂହଦ୍ୱାର ସମ୍ମୁଖ ମୁକ୍ତ ରଖିବାକୁ ନିଷ୍ପତ୍ତି




**ପାଲଲହଡା, ୪।୧୨(ସମିସ):** ପାଲଲହଡା ବଳଦେବଜୀଉ ମନ୍ଦିର ସିଂହଦ୍ୱାର ସମ୍ମୁଖ ମୁକ୍ତ ରଖିବାକୁ ନିଷ୍ପତ୍ତି ହୋଇଛି। ଦୀର୍ଘ ବର୍ଷ ହେଲା ମନ୍ଦିର ସାମ୍ନାରେ ଦୋକାନ ଗୃହଗୁଡିକ ପାଇଁ ଆଡୁଆଳ ଭିତରେ ବଳଦେବଜୀଉଙ୍କ ମନ୍ଦିର ରହିଯାଇଛି। ସିଂହଦ୍ୱାରଟି ସଂକୁଚିତ ହୋଇଯାଇଥିବାରୁ ଏଠାରେ ଏକ ମନ୍ଦିର ଅଛି ବୋଲି ଜାଣିବା କଷ୍ଟକର ହୋଥାଏ। ଦୋକାନ ଘରଗୁଡିକ ବିପଦପୂର୍ଣ୍ଣ ହୋଇଯିବାରୁ କିଛି ଦିନ ତଳେ ବିଭାଗ ପକ୍ଷରୁ ନୋଟିସ୍ ଦେଇ ସମସ୍ତ ଦୋକାନୀଙ୍କୁ ଉଚ୍ଛେଦ କରି ଘରଗୁଡିକୁ ଭାଙ୍ଗି ପୁନଶ୍ଚ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମନ୍ଦିରକୁ ଅଧିକ ଆକର୍ଷଣ ଓ ସୁନ୍ଦର ଏବଂ ସିଂହଦ୍ୱାରକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ସାମ୍ବାଦିକ ସଙ୍ଘ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୋମବାର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଉପଜିଲ୍ଲାପାଳ ସୁଶାନ୍ତ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମନ୍ଦିର ପରିଦର୍ଶନ କରି ମନ୍ଦିର ସମ୍ମୁଖ ଭାଗକୁ ମୁକ୍ତ ରଖିବାକୁ ନିଷ୍ପତ୍ତି ନେବା ସହ ଦୋକାନ ଗୃହଗୁଡିକୁ ମନ୍ଦିର ପାର୍ଶ୍ୱ ପଡ଼ିଆରେ ନିର୍ମାଣ କରିବା ପାଇଁ ଟ୍ରଷ୍ଟ ନିଷ୍ପତ୍ତି ନେଇଛି। ପାଲଲହଡ଼ା ରାଜା ସାହେବ ରାମଚନ୍ଦ୍ର ମୁନିପାଲ, ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ସମେତ ବଜାର କମିଟି, ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ଥିଲେ। ପ୍ରଶାସନର ଏହି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ



**ଆଠମଲ୍ଲିକ, ୪।୧୨(ସମିସ):** ଆଠମଲ୍ଲିକ ଉପଖଣ୍ଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ନିକଟସ୍ଥ କଣ୍ଡପଡ଼ା ଗ୍ରାମରେ ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିମାଂଶୁ ଚାଉଳିଆ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ଅଶୋକ ଡାଙ୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଘର ଘର ବୁଲି ଲୋକଙ୍କ ଜୀବନ, ଜୀବିକା ବେଶଭୂଷା ପଚାରି ବିବରଣୀ ସଂଗ୍ରହ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର ଥାଟି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଯୁବ ଶକ୍ତି ଜାଗ୍ରତ ହେଲେ ଦେଶ ଉନ୍ନତି ହେବ'



**ଆଠମଲ୍ଲିକ, ୪।୧୨(ସମିସ):** ଆଠମଲ୍ଲିକ ଉପଖଣ୍ଡ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଯୁବ ଶକ୍ତି ହେଉଛନ୍ତି ଦେଶର ଶକ୍ତି। ସେମାନେ ଜାଗ୍ରତ ହେଲେ ଦେଶ ଉନ୍ନତି ହେବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର, ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ଗୋପବନ୍ଧୁ ପ୍ରଧାନ, ରଞ୍ଜିତ ସେଠୀ, ଅଧ୍ୟାପିକା ଅର୍ପିତା ଅଞ୍ଜଳି ଗୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ନୃତ୍ୟସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ହୃଷିକେଶ ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ରସାୟନ ବିଜ୍ଞାନ ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ, ଗଗନ ମିଶ୍ର, ଜ୍ୟୋତିର୍ମୟୀ ମହାପାତ୍ର, ସିଲିଭା ସାହୁ, ପ୍ରବୀଣା ବିଶ୍ୱାଳ, କ୍ଷୀରୋଦିନୀ ଜୟ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ଦର୍ଶନକୁ ନେଇ ଆଲୋଚନା

**ତାଳଚେର, ୪।୧୨(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୩୯ତମ ଆଭାସୀ ଆଲୋଚନାଚକ୍ର 'ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ଡ. ପ୍ରଶାନ୍ତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡାକ୍ତର ମଦନ ମୋହନ ପ୍ରଧାନ ଯୋଗ ଦେଇ ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୀବନୀ ଓ ଦର୍ଶନ ଉପରେ ତତ୍ତ୍ୱଭିତିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି କାର୍ଯ୍ୟକ୍ରମରେ ସଂଯୋଜନା କରିଥଲେ। ସଞ୍ଜିତା ତ୍ରିପାଠୀ ଶାନ୍ତିପାଠ କରିଥିବା ବେଳେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ତ୍ରିପାଠୀ, ଭବାନୀ ଶଙ୍କର ମିଶ୍ର, ପ୍ରଭାତ ନଳିନୀ ଦାସ, ରାମଚନ୍ଦ୍ର ପୃଷ୍ଟି, ସନ୍ତୋଷ ମହାକୁଦ, ଉମାକାନ୍ତ ପଣ୍ଡା, ଉଷାରାଣୀ ମିଶ୍ର, ବିନୟ ସାମଲ, ବିପିନ ଶତପଥୀ, କାନନବାଳା ମିଶ୍ର, ଶରତ ଚୌଧୁରୀ, ଉଦ୍ଧବ ଚନ୍ଦ୍ର ସାହୁ, ସୋମନାଥ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## କିଶୋରନଗରରେ ସିଲେଇ ପ୍ରଶିକ୍ଷଣ ଶିବିର

**କିଶୋରନଗର, ୪।୧୨(ସମିସ):** ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଆଠଲ୍ଲିକ ବନଖଣ୍ଡ ତରଫରୁ ଓ ବାମୁର ବନାଞ୍ଚଳ ସୌଜନ୍ୟରେ ସହଯୋଗୀ ସଂସ୍ଥା ବଣୀନାଲି ବିଶ୍ୱ ଯୁବ କେନ୍ଦ୍ର ଦପ୍ତର କିଶୋରନଗରରେ ସିଲେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ସନ୍ତୋଷ କାପୁଲା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବାମୁର୍ ବନାଞ୍ଚଳ ଅଧିକାରୀ ସରୋଜ




ମିଶ୍ରଙ୍କ ସଭାପତିତ୍ୱରେ ହିମିତିରା ସଭାପତି କୃପାସିନ୍ଧୁ ପ୍ରଧାନ ଓ ବିଶ୍ୱ ଯୁବକେନ୍ଦ୍ରର ସମ୍ପାଦକ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗିରିଜା ଶଙ୍କର ଦାସ ପରିଚାଳନା କରିଥିଲେ। ହିମିତିରା ବନ ସୁରକ୍ଷା ସମିତି ସଭାପତି କୃପାସିନ୍ଧୁ ପ୍ରଧାନ, ସନରୋହିଲା ସଭାପତି ବିଜୟ ସେଠୀ, ବ୍ରାହ୍ମଣୀପାଲି ସଭାପତି ଉଗ୍ରେଶନ ପ୍ରଧାନ ଯୋଗ ଦେଇଥିଲେ। ତାପସ ରଞ୍ଜନ କର, ବାସୁଦେବ ରାୟଗୁରୁ, ଅମୀୟ ରଞ୍ଜନ ରାଉଳ, ବିନୀତା ତିର୍କୀ, ମନଗୁଡୁ ଯୁଆଡି ପ୍ରମୁଖ ଯୋଗ ଦେଇଥିଲେ।

# ଏଡ୍‌ସ ରୋକିବାକୁ ପ୍ରୟାସ






**ତାଳଚେର,୪।୧୨(ସମିସ):**

ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ତାଳଚେର ଉପଖଣ୍ଡ ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଣ୍ଡିଧୂଆ ହାଇସ୍କୁଲଠାରୁ ଏକ ବିରାଟ ପଦଯାତ୍ରା ଏଡସର କାରଣ ଓ ନିରାକରଣ ନାରା ଦେଇ ବିଭିନ୍ନ ବଜାର ପରିକ୍ରମା କରି ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏଥିରେ ତାଳଚେର ସରକାରୀ ଆଇଟିଆଇ, ନୀଳକଣ୍ଠେଶ୍ୱର କଲେଜ, ଗଡ଼ତଳ କଲେଜ, ତାଳଚେର ସରକାରୀ କଲେଜ, ମହିଳା ମହାବିଦ୍ୟାଳୟ, ସେଣ୍ଟଜନ୍ସ ଆମ୍ବୁଲାନ୍ସ, ଏମସିଏଲ ଅନନ୍ତ ଡିଭିଜନ, ତୋଫାନ ଯୁବକ ସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ ତଥା ରେଡକ୍ରସ ସୋସାଇଟିର ସଭାପତି ମନୋଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଡି ସଭାରେ ଡା. ସୁଜାତା ସାହୁ, ଡା. ପ୍ରଶାନ୍ତ ରଥ ଏବଂ ସୁଶ୍ରୀ ରୀତାରାଣୀ ଦାସ ଯୋଗଦେଇ ଏଡସର ଭୟାବହତା ଓ ନିରାକରଣ ଉପରେ କହିଥିଲେ। ଏଡସ୍‌ର କାରଣ ନିରାକରଣକୁ ନେଇ ପୂର୍ବରୁ ଅନୁଷ୍ଠିତ ହେଇଥିବା ବିତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସର କାର୍ଯ୍ୟକାରୀ ସଦସ୍ୟ ବଳରାମ ପତି ଅତିଥି ପଚିଚୟ କରିଥିବାବେଳେ ବାଉରୀବନ୍ଧୁ ବେଜ୍ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

ବିଶ୍ୱ ଏଡସ୍ ଦିବସ ଅବସରରେ କଟକ ବାଲିଯାତ୍ରା ପଡ଼ିଆରେ ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ତାଳଚେର ଓ କଟକ ଜିଲ୍ଲା କେନ୍ଦ୍ର ପକ୍ଷରୁ ଏଡସ୍ ସଚେତନତା ପାଇଁ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପ କମାଣ୍ଡାଣ୍ଟ ପ୍ରଦୀପ୍ତ ସ୍ୱାଇଁ, ଯୁଗ୍ମ ସମ୍ପାଦକ ମିଲନ ସାହୁ, ବିଶ୍ୱଜିତ ସୂର୍ଯ୍ୟବଂଶୀ, ମୁକେଶ ମହାରଣା ଓ ପଞ୍ଚୁ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ସିଡିଏମଓ କାର୍ଯ୍ୟାଳୟଠାରୁ ଏହି ପଦ ଶୋଭାଯାତ୍ରା ବାହାରି ଡିସିପିଙ୍କ କାର୍ଯ୍ୟାଳୟ ଓ ବାଲିଯାତ୍ରା ପଡ଼ିଆ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ସିଡିଏମଓ ଡା. ମକରନ୍ଦ ବେଉରା ଓ ଏଡିସିପି ସେକ୍ ସରିଫଉଦ୍ଦିନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସମୟରେ ପଥପ୍ରାନ୍ତ ସଭା ମାଧ୍ୟମରେ ଏଡସ୍ ନିରାକରଣ ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରି ରୋଗ ନିରାକରଣ କରାଯାଇପାରିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସନ୍ଧ୍ୟାରେ ଜିଲ୍ଲାପାଳ ତଥା ସେଣ୍ଟ ଜନ୍ସ ଆମ୍ବୁଲାନ୍ସର ସଭାପତି ନରହରି ସେଠୀ ଓ ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ ପ୍ରାଥମିକ ଚିକିତ୍ସା ଶିବିରରେ ହୋଇଥିବା ବିଶ୍ୱ ଏଡସ୍ ଦିବସର ବାଲୁକା କଳାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ରଞ୍ଜିତ ସାହୁ, ବିଭୁତି ମହାରଣା, ମାୟାଧର ପ୍ରଧାନ, ଜିତେନ ନାୟକ, ସତ୍ୟବାଦୀ ଭୁତିଆ, ଶୁଭକାନ୍ତ ସ୍ୱାଇଁ, ଆଶୁତୋଷ ସାହୁ, ବାବୁମଣି ବିଶ୍ୱାଳ, ପ୍ରଦୀପ ପ୍ରଧାନ, ସରୋଜ ସାହୁ, ସତ୍ୟନାରାୟଣ ପ୍ରଧାନ, ରାଜେନ୍ଦ୍ର ସାହୁ, ରବୀନ୍ଦ୍ର ହାଁସଦା, ଦୁଷ୍ମନ୍ତ ମହାନ୍ତି, ଜିତେନ୍ଦ୍ର ସାମନ୍ତ, ବାବୁଲା ପ୍ରଧାନ, ମନୋଜ ପ୍ରଧାନ, ସୁଜିତ ପ୍ରଧାନ, ସନ୍ଦୀପ ପ୍ରଧାନ, ଦିଲ୍ଲୀପ ଭୁତିଆ, ରୁଦ୍ରମୋହନ ପ୍ରଧାନ, ସମୀର ପ୍ରଧାନ, ହୃଷିକେଶ ବେହେରା ଓ ଅନିଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



### ଜିଲ୍ଲାରେ ଧାନର ଅଭାବୀ ବିକ୍ରି

# ଦଲାଲ୍‌ଙ୍କ କବଳରେ ଚାଷୀ, କ୍ୱିଣ୍ଟାଲ ୧୪ଶହ ଟଙ୍କାରେ ନେଉଛନ୍ତି

ଢେଙ୍କାନାଳ, ୪।୧୨(ସମିସ)

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ବିଭିନ୍ନ ରାଜ୍ୟର ଧାନ ବ୍ୟବସାୟୀ ଏବଂ ଦଲାଲ ଚାଷୀଙ୍କୁ ପ୍ରଲୋଭିତ କରି କମଦାମରେ ଧାନକିଣି ମାଲେମାଲ ହେଉଥିବାର ଦେଖିବାକୁ ମିଳିଛି। ଜିଲ୍ଲାରେ ଧାନ ଅମଳ ଆରମ୍ଭ ହେବାମାତ୍ରେ ଦଲାଲମାନେ ଏଠାରେ ସକ୍ରିୟ ହୋଇ ୧୪ଶହ ଟଙ୍କାରେ ଧାନକ୍ରୟ କରି ନେଉଥିବାର ଜଣାପଡ଼ିଛି। ଯୋଗାଣ ବିଭାଗ ଏବଂ ପ୍ରଶାସନ ନିରବ ରହିଥିବା ବେଳେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀମାନେ କମ ଦରରେ ଧାନ ବିକ୍ରୀ କରୁଥିବାର ଅଭିଯୋଗ ହୋଇଛି। ଡିସେମ୍ବର ଶେଷ ସପ୍ତାହରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମଣ୍ଡିରେ ଧାନ ସଂଗ୍ରହ କରାଯିବ ବୋଲି ପ୍ରଶାସନ ନିଷ୍ପତି ଗ୍ରହଣ କରିଥିବା ବେଳେ ଦଲାଲମାନେ ଏବେ ଗାଁ ଗାଁରେ ପହଞ୍ଚି ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ୧୪ଶହ ଟଙ୍କାରେ ଧାନ କ୍ରୟ କରୁଥିବାର ଦେଖିବାକୁ ମିଳିଛି। ଛତିଶଗଡ଼, ରାୟପୁର, ସମ୍ବଲପୁର ସହିତ ବିଭିନ୍ନ ରାଇସ ମିଲର ଦଲାଲ ମାନେ ଏବେ ଗାଁ ଗାଁରେ ଡେରା ପକାଇଛନ୍ତି। ଖୁଲମ ଖୁଲା ଭାବରେ ଜାତୀୟ ରାଜପଥ ଏବଂ ସାଧାରଣରେ ଧାନ କ୍ରୟ ହେଉଥିବା ବେଳେ ଯୋଗାଣ ବିଭାଗର ନିରବଦ୍ରଷ୍ଟା ଯୋଗୁ ଅନ୍ୟରାଜ୍ୟର ଦଲାଲମାନେ ଏବେ ଠାରୁ ଧାନ ସଂଗ୍ରହ କରିବାରେ ଲାଗିଛନ୍ତି। ପ୍ରତିଦିନ ବଡ ବଡ ଟ୍ରକରେ ଅନ୍ୟରାଜ୍ୟକୁଧାନ ଚାଲାଣ ହେଉଥିବା ବେଳେ ପୋଲିସ, ପ୍ରଶାସନ, ଯୋଗାଣ ବିଭାଗର ଦୃଷ୍ଟି ପଡୁନାହିଁ। ଫଳରେ ଚାଷୀମାନେ ଧାନର ଅଭାବୀ ବିକ୍ରୀ ସହିତ କ୍ଷତି ସହୁଥିବାର ଜଣାପଡ଼ିଛି।। ଚଳିତ ଖରିଫ ଋତୁରେ ଧାନ ବିକ୍ରୀପାଇଁ ଜିଲ୍ଲାର ୬୨ ହଜାର ୯୭୦ଜଣଚାଷୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜିକରଣ କରିଛନ୍ତି। ଜିଲ୍ଲାରେ ୧୬ଟି ମିଲର ଧାନ କ୍ରୟ କରିବାକୁ



**ପ୍ରଶାସନ ଏବଂ ଯୋଗାଣ ବିଭାଗ ନିରବ**

ଅନୁମତି ପାଇଥିବା ବେଳେ ୫୪ଟି ଏସ୍‌ଏସ୍‌ଜି ଗ୍ରୁପ ଧାନ କ୍ରୟ କରିବାକୁ ନିଷ୍ପତି ହୋଇଛି। ଚଳିତ ବର୍ଷ ୯ଲକ୍ଷ ୯୨ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ୨ ହଜାର ୧୮୩ଟଙ୍କା ଏବଂ ଏ ଗ୍ରେଡର ଧାନ ପାଇଁ ୨ ହଜାର ୨୦୩ଟଙ୍କା ଧାର୍ଯ୍ୟହୋଇଛି। ଜିଲ୍ଲାରେ ଧାନ ସଂଗ୍ରହ ପ୍ରକୀୟାକୁ ପ୍ରଶାସନିକ ଅଧିକାରୀମାନେ ତଦାରଖ କରିବେ। କିନ୍ତୁ ଧାନ ଅମଳ ହେଉଥିବା ସମୟରେ ଏବେ ଅନ୍ୟରାଜ୍ୟର ଧାନ ଦଲାଲମାନେ ଚାଷୀମାନଙ୍କ ଠାରୁ ସିଧାସଳଖ ଧାନ କିଣୁଥିବା ଦେଖିବାକୁ ମିଳିଛି। ବହୁ କମ ଦରରେ ଧାନ ବିକ୍ରୀ କରିବା ପଛରେ ମଣ୍ଡି ବିଳମ୍ବରେ ଖୋଲିବା, ମଣ୍ଡିରେ କଟନୀ ଛଟନୀ, ବିନାକାରଣରେ ଚାଷୀମାନଙ୍କୁ ହଇରାଣକରିବା, ସଠିକ ସମୟରେ ଟଙ୍କା ପ୍ରଦାନ କରାନଯିବା, ବସ୍ତା ଟଙ୍କା ନଦେବା, ମଣ୍ଡିରେ ଦଲାଲ ରାଜକୁ ନେଇ ଚାଷୀମାନଙ୍କ ମଧ୍ୟରେ ରହିଥିବା ବ୍ୟାପକ ଅସନ୍ତୋଷକୁ ନେଇ ଚାଷୀ ଶାଗମାଛ ଦରରେ ଧାନ ବିକ୍ରୟ କରୁଥିବାର ଅନେକ ଚାଷୀପ୍ରକାଶ କରିଛନ୍ତି। ବିଭିନ୍ନ ଗ୍ରାମରେ ଦଲାଲ ରାଜ ଏବଂ ଚାଷୀଙ୍କ ଠାରୁ ଧାନ କିଣି ଦଲାଲମାନେ ଖୁଲମଖୁଲା ଧାନ ଅନ୍ୟରାଜ୍ୟକୁ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ, ଯୋଗାଣ ବିଭାଗର କୌଣସି ଅଙ୍କୁଶ ନଥିବାର ଧାନର ଅଭାବୀ ବିକ୍ରୀ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିଥିବା ବେଳେ ମୋବାଇଲ ସୁଇଚଅଫ୍ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ଚାଷୀମାନଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରିବାସହିତ ଦଲାଲ ମୁକ୍ତ କରିବାପାଇଁ ଚାଷୀ ମହଲରେ ଦାବି ହୋଇଛି।

### ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବିଳମ୍ବ

## କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଲେ ସାଂସଦ

**ଢେଙ୍କାନାଳ, ୪।୧୨(ସମିସ):** ଲୋକସଭାର ଶୀତକାଳୀନ ଅଧିବେଶନ ପ୍ରଥମ ଦିବସରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଦେଇ ଯାଇଥିବା ତିନୋଟି ଜାତୀୟ ରାଜପଥ ୧୪୯ ପାଲଲହଡା ଠାରୁ କେନ୍ଦୁଝର, ୫୩ ନଂ ରାଜପଥ ପିତିରି ଠାରୁ ଡୁବୁରୀ ଓ ୫୫ ନଂ କଟକ ଠାରୁ ସମ୍ବଲପୁରର ଅଗ୍ରଗତି କାର୍ଯ୍ୟରେ ବିଳମ୍ବ ନେଇ ଚିନ୍ତା ପ୍ରକଟ କରିଛନ୍ତି ଢେଙ୍କାନାଳ ସାଂସଦ ମହେଶ ସାହୁ। ସଂସଦରେ ପ୍ରଶ୍ନକାଳ ସମୟରେ ଲୋକସଭା ଅଧକ୍ଷଙ୍କୁ ପ୍ରଶ୍ନ କରି କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ତରବରିଆ ଭାବେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ୫୩ ନମ୍ବର ଜାତୀୟ ରାଜପଥକୁ କେନ୍ଦ୍ରଗୃହ ମନ୍ତ୍ରୀ ଉଦ୍‌ଘାଟନ କରିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ରାସ୍ତାରେ ବହୁ ନିର୍ମାଣ କାର୍ଯ୍ୟ ଏବେ ବାକି ରହିଛି। କେନ୍ଦ୍ରର ବିକାଶ କ୍ଷେତ୍ରରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ବର୍ଷକୁ ବିଭିନ୍ନ ଖଣି, ଖାଦାନ୍‌ରୁ ଏକ ହଜାର କୋଟି ଟଙ୍କାର ରାଜସ୍ୱ ଦେଉଥିବା ବେଳେ ଏହି କ୍ଷେତ୍ର ବିକାଶ ପରିବର୍ତ୍ତେ ଆଜି ପର୍ଯ୍ୟନ୍ତ ୩୨୬ଜଣ ଦୁର୍ଘଟଣାରେ ବିନାଶ ହୋଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଧରି ତରବରିଆ ଭାବେ ପିତିରି ଠାରୁ ଡୁବୁରୀ ଜାତୀୟ ରାଜପଥର ଲୋକାର୍ପଣ କରିଥିଲେ। କିନ୍ତୁ ଉକ୍ତ ରାଜପଥରେ ବ୍ରାହ୍ମଣୀ, ରାମିଆଳ ନଦୀ ରେ ପୋଲ ନିର୍ମାଣ ଓ ପିତିରି ଠାରେ ଅଣ୍ଡର ପାସ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଉପରୋକ୍ତ ୩ଟି ଜାତୀୟ ରାଜପଥ କାମକୁ ଆସନ୍ତା ମାର୍ଚ୍ଚ ସୁଧା ଶେଷ ହେବ ବୋଲି ବିଭାଗୀୟ ମନ୍ତ୍ରୀ ଲୋକସଭାରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ସମ୍ଭବପର ନୁହେଁ। ଉକ୍ତ ଜାତୀୟ ରାଜପଥ ଗୁଡିକ ୨୦୨୫ ମସିହା ମାର୍ଚ୍ଚ ସୁଧା ସରିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସିମିଳିଆ ଶବର ସାହିରେ ସାକ୍ଷରତା ଅଭିଯାନ




**ଢେଙ୍କାନାଳ, ୪।୧୨(ସମିସ):** 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ସୋସିଆଲ୍ ୱାର୍କ ଏବଂ ଏକ୍ଟିଭିଟିସ୍ ଅନ୍ତର୍ଗତ ସାକ୍ଷରତା ଅଭିଯାନ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା କରାଯାଇଛି। ଅଧକ୍ଷ ଡ. ରାମଚନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶରେ ସାକ୍ଷରତା ଅଭିଯାନରେ ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ସାକ୍ଷରତା ଅଭିଯାନ ଦ୍ୱାରା ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀମାନେ ସିମିଳିଆ ଅଞ୍ଚଳର ଶବରସାହିକୁ ଯାଇ ସେଠାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ସାକ୍ଷରତା ଏବଂ ଶିକ୍ଷାର ମହତ୍ୱ ସମ୍ପର୍କରେ ଅବଗତ କରାଇବା ସହ କୁନିପିଲାଙ୍କୁ ଛବିଳ ମଧୂବର୍ଣ୍ଣବୋଧ, ଡ୍ରଇଁ ଖାତା, କଲମ, ପେନ୍‌ସିଲ୍ ଇତ୍ୟାଦି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏଥିସହ ସେଠାରେ ଉପସ୍ଥିତ ସମସ୍ତଙ୍କୁ ସମାଜ ସେବାରେ ନିଜକୁ ସାମିଲ୍ କରିବା ପାଇଁ ପ୍ରେରଣା ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ୍ ଡ. ସାଗରିକା ପଣ୍ଡା ଏବଂ ଅଧ୍ୟାପକ ପଙ୍କଜ ବାରିକ୍ ସାକ୍ଷରତା ଅଭିଯାନକୁ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅଭିଯାନ ସମୟରେ ବିଜେଡିର ଯୁବନେତା ସନ୍ତୋଷ କୁମାର ଦେହୁରୀ ଉପସ୍ଥିତ ରହି ସହାୟତା କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର






**୨୦୪ ୟୁନିଟ୍ ରକ୍ତ ସଂଗ୍ରହ**

**ଢେଙ୍କାନାଳ, ୪।୧୨(ସମିସ):** ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ନରେନ୍ଦ୍ରପୁର ସ୍ଥିତ କାରଖାନା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ପ୍ଲାଣ୍ଟରେ କାର୍ଯ୍ୟରତ ବିଭିନ୍ନ ଚୁକ୍ତିଭିତ୍ତିକ ସଂସ୍ଥାର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୨୦୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।ଟିଏସ୍‌ଏମ୍‌ର ସେୟାରଡ୍ ସର୍ଭିସେସ୍‌ର ବିଭାଗୀୟ ମୁଖ୍ୟ ବେଦ ପ୍ରକାଶ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟିଏସ୍‌ଏମ୍‌ର ସିଣ୍ଟର ପ୍ଲାଣ୍ଟର ବିଭାଗୀୟ ମୁଖ୍ୟ ରମେଶ କାନନ, ଟିଏସ୍‌ଏମ୍‌ର ମେଡିକାଲ୍ ସର୍ଭିସେସ୍‌ର ବରିଷ୍ଠ ରେଜିଷ୍ଟ୍ରାର ଡକ୍ଟର ଅବିନାଶ ଦାଶ ଉପସ୍ଥିତ ଥିଲେ। ଢଙ୍କାନାଳ ବ୍ଲଡ୍ ବ୍ୟାଙ୍କର ଇନ୍-ଚାର୍ଜ ଡକ୍ଟର ସ୍ୱରୂପ ସାହୁ ରକ୍ତ ସଂଗ୍ରହ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିବା ବେଳେ ଢେଙ୍କାନାଳ ବ୍ଲଡ୍ ବ୍ୟାଙ୍କର ସହାୟକ ଷ୍ଟାଫମାନେ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇଥିଲେ। ଟିଏସ୍‌ଏମ୍‌ର ମେଡିକାଲ୍ ସର୍ଭିସେସ୍ ଟିମର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।ଟିଏସ୍‌ଏମ୍ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିର ଆୟୋଜନ କରାଯାଇ ସମାଜକୁ ତଥା ସ୍ୱେଚ୍ଛାକୃତ ରକ୍ତଦାନ କରିବା ଲାଗି ସମସ୍ତଙ୍କୁ ଆଗେଇ ଆସିବା ପାଇଁ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଉଛି।

## ସଫେଇ ଅଭିଯାନ ଏବଂ ପାରମ୍ପରିକ ବ୍ୟଞ୍ଜନ ପ୍ରତିଯୋଗିତା



**ଢେଙ୍କାନାଳ, ୪।୧୨(ସମିସ):**ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ସୋସିଆଲ୍ ୱାର୍କ ଏଣ୍ଡ ଏକ୍ଟିଭିଟିସ୍‌ରେ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ଛାତ୍ରୀମାନେ ନିକଟସ୍ଥ ଦେଉଳସାହିସ୍ଥିତ ବଳରାମ ମନ୍ଦିର ପରିସରରେ ସଫେଇ କରିଥିଲେ। ଏହି ସଫେଇ ଅଭିଯାନ ଦ୍ୱାରା ସଭିଙ୍କ ମଧ୍ୟରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ଅଧକ୍ଷ ଡ. ରାମଚନ୍ଦ୍ର ମଲ୍ଲ କହିଥିଲେ। ଏହି ଦିନ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ସାଂସ୍କୃତିକ ପ୍ରତିଯୋଗିତା ଅନ୍ତର୍ଗତ ଏକ ପାରମ୍ପରିକ ବ୍ୟଞ୍ଜନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଛାତ୍ରୀମାନେ ସୁଜି କାକରା, ଆରିସା ପିଠା, ମାଣ୍ଡିଆ କାକରା, ପାଳଙ୍ଗ ପକୁଡି, ଆଳୁ ପରଠା ଓ ଲସି, ମିଲେଟ୍ କେକ୍ ଇତ୍ୟାଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ନୋଡାଲ୍ ଅଫିସ୍‌ର ଅଧ୍ୟାପିକା ଲୀନା ଗନ୍ତାୟତ, ଅଧ୍ୟାପିକା ଡା. ସାଗରିକା ପଣ୍ଡା, ଅଧ୍ୟାପକ ପଙ୍କଜ ବାରିକ ଏବଂ ଅଧ୍ୟାପିକା ପ୍ରଜ୍ଞା ପାରମିତା ମାଝୀ କାର୍ଯ୍ୟକ୍ରମ ଗୁଡିକୁ ପରିଚାଳନା କରିଥିଲେ।ପ୍ରତିଯୋଗିତାରେ ଅଧ୍ୟାପିକା ଜି. ଜ୍ୟୋତିରେଖା ଏବଂ ଅଧ୍ୟାପିକା ସୁପ୍ରଭା ମିଶ୍ର ସହାୟତା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଯୋଗ ପ୍ରତିଯୋଗିତା



**ଭୁବନ, ୪।୧୨(ସମିସ):** ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ ଓଡ଼ିଶା 'ଆନୁକୂଲ୍ୟରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କାର୍ଯ୍ୟକ୍ରମର ସଂଯୋଜିକା ଅନୁପମା ମିଶ୍ରଙ୍କ ସମେତ ଅଧ୍ୟାପକ ନିରଞ୍ଜନ ନାୟକ ଓ ପ୍ରମିଳା ଦାସ ପରିଚାଳନା କରିଥିଲେ।

## ସ୍କାଏଲାଇଟ୍ ଭାଙ୍ଗି ୩ ଦୋକାନରୁ ଚୋରି




**ଢେଙ୍କାନାଳ, ୪।୧୨(ସମିସ):** ଭୁବନ ଥାନା ଅନ୍ତର୍ଗତ ଭୁବନ ଏନ୍‌ଏସିର କାଳୀବଜାର ଛକରେ ଥିବା ୩ଟି ଦୋକାନର ସ୍କାଏଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ସାମଗ୍ରୀ ଲୁଟ ହୋଇଥିବାର ଅଭିଯୋଗ ହୋଇଛି। କାଳୀବଜାର ଛକରେ ଥିବା ଟିଭି ବ୍ୟବସାୟୀ ଲଳିତ କୁମାର ଦାସଙ୍କ ଦୋକାନରୁ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିବା ବେଳେ ଷ୍ଟେସନାରୀ ବ୍ୟବସାୟୀ ପ୍ରଭାକର ସାହୁ ଓ ବିଦ୍ୟୁତ ସରଞ୍ଜାମ ବ୍ୟବସାୟୀ ପ୍ରସନ୍ନ କୁମାର ସାହୁଙ୍କ ଦୋକାନରୁ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିବାର ଅଭିଯୋଗ ହୋଇଛି। ସହରରେ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ହେଉଥିବା ବେଳେ କିପରି ବାରମ୍ବାର ଚୋରି ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ସହର ମଧ୍ୟରେ ଲାଗିଥିବା ସିସିଟିଭିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ଜନସାଧାରଣ ଦାବି କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

● **ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ**

## ଶ୍ରୀଶ୍ରୀ ୟୁନିଭରସିଟି ଚାମ୍ପିଅନ



**ଢେଙ୍କାନାଳ, ୪।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଅନ୍ତର୍ଗତ କସିଆଡିହି ଗ୍ରାମରେ ଥିବା ବିବେକା ନନ୍ଦ ଯୁବକ ସଂଘ ପକ୍ଷରୁ ଗୌରାଙ୍ଗ ଏବଂ ରସାନନ୍ଦ ମେମୋରିଆଲ ଭଲିବଲ ଟୁର୍ଣ୍ଣମେଣ୍ଟ ଅନୁଷ୍ଠିତ ହୋଇଯାଇଛି।ଏହି ଭଲିବଲ ଟୁର୍ଣ୍ଣାମେଣ୍ଟ କୁ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ, ବରିଷ୍ଠ ଭଲିବଲ ଖେଳାଳି ତଥା କୋଚ ଶିବ ସିଂହ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୭ଟି ଦଳ ଭାଗ ନେଇ ଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଶ୍ରୀଶ୍ରୀ ୟୁନିଭରସିଟି, କଟକ ସହିତ ରୟାଲ ଭଲିବଲ ଟିମ ପୁରୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଶ୍ରୀ ୟୁନିଭରସିଟି ଚାମ୍ପିଅନ ହୋଇଥିଲା। ସ୍ଥାନୀୟ ଆଦର୍ଶ କମିଟିର ସଭାପତି ରବି ବେହେରାଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା।

## ମାଗଣା ଦନ୍ତ ଚିକିତ୍ସା ଶିବିର



**ଢେଙ୍କାନାଳ, ୪।୧୨(ସମିସ):** ଢେଙ୍କାନାଳର ଯୁବ ସଂଗଠନ ବଜରଙ୍ଗ କ୍ଲବ୍ ଓ ସମ୍ ହସ୍ପିଟାଲ୍ ସହଯୋଗରେ ସଦର ବ୍ଲକ କଙ୍କଡାହାଡରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ କ୍ଲବ୍ କଙ୍କଡାହାଡ ଶାଖା ତରଫରୁ ଆୟୋଜିତ ଦନ୍ତ ଚିକିତ୍ସା ଶିବିରକୁ ସମ୍ ହସ୍ପିଟାଲ୍ ଭୁବନେଶ୍ୱରର ୨୦ଜଣିଆ ଅଭିଜ୍ଞ ଦନ୍ତ ବିଶେଷଜ୍ଞ ଓ ଟେକ୍ନିସିଆନ୍ ପରିଚାଳନା କରିଥିଲେ।୧୫୦ ଜଣରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ମାଗଣା ଦନ୍ତ ଚିକିତ୍ସା କରାଯିବା ସହ ଦନ୍ତ ଚିକିତ୍ସା ସମ୍ବନ୍ଧରେ ପରାମର୍ଶ ଓ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।ଶିବିରରେ ବିଧାୟକ ସୁଧିର କୁମାର ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌରପରିଷଦର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅନୁଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶକ ନରୋତ୍ତମ ସାହୁ, ୧୨ନଂ ୱାର୍ଡ କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ, ୬ନଂ ୱାର୍ଡ କାଉନ୍‌ସିଲର ସନ୍ଦୀପ ଷଢଙ୍ଗୀ, ସରପଞ୍ଚ କୁନି ନାୟକ, ବିଧାୟକଙ୍କ ପୌରାଞ୍ଚଳ ପ୍ରତିନିଧି ଅଜୟ କୁମାର ଭଞ୍ଜ, ଯୁବ ସମାଜସେବୀ ପବିତ୍ର ମହାରଣା, ସମିତିସଭ୍ୟ ରାଧା ବେହେରା, ମଙ୍ଗଳପୁର ସରପଞ୍ଚ ଲିନା ଦାସ ଓ ସମିତି ସଭ୍ୟ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଙ୍କଡାହାଡ ଶାଖାର ସଭାପତି ଜିତେନ୍ଦ୍ର ବେହେରା, ଉପସଭାପତି ଅଜିତ୍ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବେହେରା, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ସାହୁ, ବରିଷ୍ଠ ସଭ୍ୟ ଜ୍ୟୋତି ରଞ୍ଜନ ବେହେରା, ପ୍ରକାଶ ବେହେରା, ନିର୍ମଳ ବେହେରା, ସାନ୍ତନୁ ବେହେରା, ରାମ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସୋଆ ୟୁନିଭର୍ସିଟି, ସମ୍ ହସ୍ପିଟାଲ୍‌ର ଦନ୍ତ ଚିକିତ୍ସକ ଡା. ରାଧା ପ୍ରସନ୍ନ ଦଳେଇ, ଡା. ସୌରଭ ଚନ୍ଦ୍ର ବିଦ୍ୟାସାଗର ବଳ, ଡା. ସୁଦିପ୍ତ ସାହୁ, ଡା. ସ୍ୱାତୀ ଦାସ, ଡା. ରାଜୀବ ପରିଡ଼ା, ଡା. ଅରୋମା ସାଗର ଗୌଡ, ଡା. ଶ୍ରଦ୍ଧାଞ୍ଜଳି ପାତ୍ର, ଡା. ତନ୍ୱିସା ମିଶ୍ର, ଡା. ପ୍ରତୀକ୍ଷା, ଡା. ତୁଲ୍ଲି ଦତ, ଡା. ଅମନ୍ କୁମାର ବର୍ମା, ଡା. ତଥିର୍ ରିଜ୍ୱି, ଡା. ଦେବାଶିଷ ରାଉତ, ଆଟେଣ୍ଡାଣ୍ଟ ସରୋଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଆଜି ସକାଳ ୮ଟା୩୦ରୁ ୧୧ଟା ପର୍ଯ୍ୟନ୍ତ କପିଳାସପୀଠ ଚନ୍ଦ୍ରଶେଖରଙ୍କ ଦର୍ଶନ ବନ୍ଦ

**ଢେଙ୍କାନାଳ, ୪।୧୨(ସମିସ):** ଆଜି ଅର୍ଥାତ୍ ମଙ୍ଗଳବାର ଦିନ ପୂର୍ବାହ୍ନରେ ରାଜ୍ୟପାଳ ରଘୁବର ଦାସଙ୍କ ଢେଙ୍କାନାଳ ଗସ୍ତ ଅବସରରେ କପିଳାସପୀଠର ଶ୍ରୀ ଚନ୍ଦ୍ରଶେଖରଙ୍କ ଦର୍ଶନ ପୂର୍ବାହ୍ନ ୮ଟା୩୦ରୁ ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନାର୍ଥେ ବନ୍ଦ ରହିବ। ରାଜ୍ୟପାଳଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ଦର୍ଶନ ଲାଗି ବନ୍ଦ ରହିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଜଣାଇଦିଆଯାଉଛି। ଏହି ସମୟ ମଧ୍ୟରେ ଜନସାଧାରଣ ଦର୍ଶନ ଲାଗି ନଆସିବାକୁ ଅନୁରୋଧ କରାଯାଇଛି।

# ଖତ ଖାଉଛି ଭେଣ୍ଡିଂ ଜୋନ୍, ରାସ୍ତା ଉପରେ ଉଠା ଦୋକାନୀ

ଢେଙ୍କାନାଳ, ୪।୧୨(ସମିସ)




ରାଜ୍ୟ ସହରାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳରେ ଉଠା ଦୋକାନୀଙ୍କ ଥଇଥାନ ଲାଗି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଭେଣ୍ଡି ଜୋନ୍ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରହିଛି। ତେବେ ଢେଙ୍କାନାଳ ପୌରପରିଷଦର ବିଭିନ୍ନ ୱାର୍ଡରେ ନିର୍ମିତ ଭେଣ୍ଡିଂ ଜୋନ୍ ଦୀର୍ଘଦିନ ଧରି ନିର୍ମାଣ ହୋଇଥିବା ବେଳେ ସଠିକ୍ ଭାବରେ ଆବଣ୍ଟନ ହେଉନଥିବାରୁ ଭେଣ୍ଡିଂ ଜୋନ୍ ଗୁଡିକ ପଡ଼ି ରହିଥିବାରୁ ଉଠା ଦୋକାନୀମାନେ ଖରା, ବର୍ଷା ଓ ଶୀତ କାକରରେ ରାସ୍ତା ଉପରେ ନିଜର ପସରା ମେଲାଇ ଦେଇ ଦୁଃଖ କଷ୍ଟରେ ପଡ଼ି ରହିଛନ୍ତି। ବିଭିନ୍ନ ଭେଣ୍ଡିଂ ଜୋନ୍‌ରେ ଏବେ ମଧ୍ୟ ତାଲା ଝୁଲି ରହିଛି। ସହରର ବାଜିଚୌକ, ପରିବା ମାର୍କେଟ୍, କୁଞ୍ଜକାନ୍ତ, ମୁଖ୍ୟ ଚିକିତ୍ସାଳୟ ପରିସର, ଦେଉଳସାହି ଆଦି ଭେଣ୍ଡିଂ ଜୋନ୍ ଗୁଡିକ ନିର୍ମାଣ କରାଯିବା ପରେ ଆବଣ୍ଟନ କରିବା ନେଇ କାଉନ୍‌ସିଲର ଓ ଉଠା ଦୋକାନୀଙ୍କ ମଧ୍ୟରେ ଆବଣ୍ଟନ ନେଇ ବିବାଦ ଦେଖା ଦେଇଥିବାରୁ ଭେଣ୍ଡିଂ ଜୋନ୍ ଗୁଡିକ ଖତ ଖାଉଛି। କେତେକ ଭେଣ୍ଡିଂ ଜୋନ୍‌ର ଟିଣ କବାଟ ଭାଙ୍ଗି ଯାଇଥିବାବେଳେ କେଉଁଠି ଲତାବୁଦାରେ ହଜି ଗଲାଣି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଉଠା ଦୋକାନୀଙ୍କ ରାସ୍ତା ଅବରୋଧ ଯୋଗୁଁ ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଗୋଟିଏ ପଟେ ରାସ୍ତା ଉପରେ ଉଠା ଦୋକାନୀ ଓ ଅନ୍ୟପଟେ ଭେଣ୍ଡି ଜୋନ୍ ଖତ ଖାଉଛି। ତୁରନ୍ତ ପୌରନିର୍ବାହୀ ଅଧିକାରୀ ଏଦିଗରେ ପଦକ୍ଷେପ ନେବା ପାଇଁ ଉଠାଦୋକାନୀ ଓ ଜନସାଧାରଣ ନିବେଦନ କରିଛନ୍ତି।




## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



**ରାଜନଗର, ୪।୧୨(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ମା' ମାଟିଆ ମଙ୍ଗଳା ମନ୍ଦିର ପରିସରରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୩ତମ ବାର୍ଷିକ ଉତ୍ସବ ଓ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରଙ୍ଗାଧର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଆଦିତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ ବାର୍ ଆସୋସିଏସନର କୋଷାଧ୍ୟକ୍ଷ ଆଡଭୋକେଟ ଧୀରେନ୍ଦ୍ର ନାଥ ସାହୁ ମୁଖ୍ୟଅତିଥି, ଡିଭାଇନ ଲାଇଫ୍‌ର ସକ୍ରିୟ ସଦସ୍ୟ ଦର୍ପନାରାୟଣ ମାହାନ୍ତ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆଲୋକ ରାୟ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଆଇନଜୀବୀ ଦେବଦତ୍ତ ରାଉଳ, ମା' ମାଟିଆ ମଙ୍ଗଳା ଉନ୍ନୟନ କମିଟି ସଭାପତି ଚନ୍ଦ୍ର ଚନ୍ଦନ ମିଶ୍ର, ଶିକ୍ଷାବିତ୍ ଅଭିରାମ ରାଉଳ, କୈଳାସ ଚନ୍ଦ୍ର ରାଉତ, କାହ୍ନୁଚରଣ ଚଣ୍ଡ, ସମାଜସେବୀ ଅଜୟ ବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହିତ ଦୀର୍ଘାୟୁ କାମନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଫାର୍ମାସିଷ୍ଟ ଅମରେନ୍ଦ୍ର ମହାନ୍ତି, ଅଜୟ ରାଉତ, ଆଶାକର୍ମୀ ଭାବେ ଆରତୀ ପ୍ରଧାନ, ସାମ୍ବାଦିକ ଭାବେ ଧିରେନ୍ଦ୍ର ମଲ୍ଲିକ, ମରଣୋତ୍ତର ଭାବେ ବ୍ରଜକିଶୋର ରାଉତ ଓ ଆଦର୍ଶ ଅନୁଷ୍ଠାନ ଭାବେ କାଳିଆ ସେବା ଫାଉଣ୍ଡେସନ ଓ ତୁଳସୀକ୍ଷେତ୍ର ହେଲ୍ଥ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଂସଦର ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଓ ଅନ୍ୟବାଦ ଅର୍ପଣ କରିଥିଲେ।

## ରାତାଦିଆ ଖଣ୍ଡସାହି ସମବାୟ ସମିତି ସମ୍ପାଦକ ନିଯୁକ୍ତ



**ଡେରାବିଶ, ୪।୧୨(ସମିସ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହିସ୍ଥ ରତାଦିଆ ଖଣ୍ଡସାହି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଭାବେ କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା ଦାୟିତ୍ୱ ନେଇଛନ୍ତି। ଗତ ସେପ୍ଟେମ୍ବର ମାସ ୯ ତାରିଖରେ ରତାଦିଆ ଖଣ୍ଡସାହି ସେବା ସମବାୟ ସମିତିର ପରିଚାଳନା ବୋର୍ଡ଼ ସମ୍ପାଦକ ପ୍ରତାପ ଚନ୍ଦ୍ର ଭଦ୍ର ଦୀର୍ଘମାସ ହେଲା ଅନିୟମିତ ଭାବେ କାର୍ଯ୍ୟାଳୟକୁ ଆସିବା ଓ ଅଧିକାଂଶ ଦିନ କାର୍ଯ୍ୟାଳୟକୁ ନ ଆସିବା ଫଳରେ ଚାଷୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବାରୁ ତାଙ୍କୁ ନିଲମ୍ବିତ କରି କେନ୍ଦ୍ରାପଡ଼ା ସହକାରୀ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସଙ୍କ ଅନୁମୋଦନ ପାଇଁ ପଠାଇଥିଲେ। ଶ୍ରୀ ଦାସଙ୍କ ଅନୁମୋଦନ ପରେ ସମ୍ପାଦକ ଶ୍ରୀ ଭଦ୍ର ସେବେଠାରୁ ନିଲମ୍ବିତ ହୋଇ ରହିଛନ୍ତି। ଅପରପକ୍ଷରେ ସମିତି କାର୍ଯ୍ୟ ତୁଲାଇବା ପାଇଁ ଆଜି ସହକାରୀ ସମବାୟ ନିବନ୍ଧକ ଶ୍ରୀ ଦାସ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଭରତପୁର ସେବା ସମବାୟ ସମିତିରେ କାର୍ଯ୍ୟରତ ସୁବୋଧ କୁମାର ଲେଙ୍କାଙ୍କୁ ୨ ମାସ ପାଇଁ ରତାଦିଆ ଖଣ୍ଡସାହି ସମବାୟ ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବାପରେ ଶ୍ରୀ ଲେଙ୍କା ଆଜି ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତାଙ୍କୁ ଆଜି ସମବାୟ ସମିତିର କାର୍ଯ୍ୟାଳୟରେ ସମିତିର ସଭାପତି ବିମଳକାନ୍ତ ତ୍ରିପାଠୀ, ପରିଚାଳନା କମିଟି ସଦସ୍ୟ ମଦନମୋହନ ସାହୁ, ସରୋଜକାନ୍ତ ଦାସ, ଅନୀଲ କୁମାର ନାୟକ, ଧ୍ରୁବଚରଣ ବାରିକ, ନିରଞ୍ଜନ ତ୍ରିପାଠୀ, ସମିତି ଉପସଭାପତି ସୁନୀତା ବଳଙ୍କ ସମେତ ସରପଞ୍ଚ ଶିଶିର କୁମାର ସାମଲ, ପୂର୍ବତନ ସମିତିସଭ୍ୟ ଲଲାଟେନ୍ଦୁ କେଶରୀ ଖୁଣ୍ଟିଆ ପ୍ରମୁଖ ସ୍ୱାଗତ କରିଥିଲେ।

**● ମାଛଧରା ବୋଟ୍ ବୁଡ଼ିଲା**

## ଅନ୍ୟ ବୋଟ୍ ଦ୍ୱାରା ୬ ମତ୍ସ୍ୟଜୀବୀ ଉଦ୍ଧାର

**ମହାକାଳପଡ଼ା, ୪।୧୨(ସମିସ):** ମହାକାଳପଡ଼ା ବ୍ଲକ ଖରିନାସୀ ଅଞ୍ଚଳର ଉତ୍ତମ ହାଲଦାରଙ୍କ ମା' ରାମଚଣ୍ଡୀ ନାମକ ଏକ ମାଛଧରା ବୋଟ ସୋମବାର ଅପରାହ୍ନରେ ସମୁଦ୍ରରେ ବୁଡ଼ିଯାଇଥିଲା। ସାତଭାୟା ନିକଟ ଚଉଦ ମାଇଲି ଅଞ୍ଚଳ ସମୁଦ୍ରରେ ମାଛ ଧରୁଥିବାବେଳେ ବୋଟ୍‌ରେ ପାଣି ପଶି ବୁଡ଼ିଯାଉଥିବାବେଳେ ସେଥିରେ ଥିବା ମତ୍ସ୍ୟଜୀବୀ ଖରିନାସୀ ବୋଟ୍ ଚାଳକ ସଙ୍ଘକୁ ଖବର ଦେଇଥିଲେ। ଖବର ପାଇବା ପରେ ସେହି ଅଞ୍ଚଳକୁ ମାଛ ଧରିବାକୁ ଯାଇଥିବା ବୋଟ୍‌କୁ ସାହାଯ୍ୟ ଓ ଉଦ୍ଧାର କରିବା ପାଇଁ ବୋଟ ଚାଳକ ସଙ୍ଘର କର୍ମକର୍ତ୍ତା ସୂଚନା ଦେଇ ଅନୁରୋଧ କରିଥିଲେ। ମା' ରାମଚଣ୍ଡୀ ନାମକ ଅନ୍ୟଏକ ବୋଟ୍ ପହଞ୍ଚି ବୁଡ଼ିଯାଉଥିବା ବୋଟ୍‌ରେ ଥିବା ମତ୍ସ୍ୟଜୀବୀ ପଳାସ ଦାସ, ଉତ୍ତମ ଦାସ, ଦିନେଶ ଦାସଙ୍କ ସମେତ ୬ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ବୁଡ଼ି ଯାଉଥିବା ବୋଟ୍‌କୁ ଉଦ୍ଧାର କରି କୂଳକୁ ଅଣାଯାଉଥିବା ନେଇ ଖରିନାସୀ ବୋଟ ମାଲିକ ସଂଘ କର୍ମକର୍ତ୍ତା ଭକ୍ତରଞ୍ଜନ ମାହାଳି ସୂଚନା ଦେଇଛନ୍ତି।

## ଅସହାୟ ପରିବାରକୁ ସହାୟତା

**କେନ୍ଦ୍ରାପଡ଼ା, ୪।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବଗଡ଼ା ଅଞ୍ଚଳର ୪୦ ବର୍ଷୀୟ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ କିଡନୀ ରୋଗ ଯୋଗୁଁ ଗତ ନଭେମ୍ବର ୬ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ମୃତ ଗୋବିନ୍ଦ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ମୃତ୍ୟୁ ପରେ ପତ୍ନୀ, ୩ ପିଲା ଓ ବୃଦ୍ଧ ବାପାମାଆ ଅସହାୟ ହୋଇପଡ଼ିଥିଲେ। ଏ ଖବର ପାଇ ସମାଜସେବୀ କାମିନୀ ଜେନା ପରିବାରକୁ ଆର୍ଥିକ ସହାୟତା କରିବା ସହ ଗ୍ରୋସରି ସାମଗ୍ରୀ ଦେଇଛନ୍ତି। ଝିଅ ଓ ପୁଅର ପାଠପଢ଼ା ପାଇଁ ସହଯୋଗ କରିବାକୁ ସେ ପ୍ରତିଶୃତି ଦେଇଛନ୍ତି।



**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୧୨୩ ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ୪।୧୨(ସମିସ)**

କେନ୍ଦ୍ରାପଡ଼ା ସଦର ମହକୁମାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ମ୍ୟୁନିସିପାଲିଟି ଟାଉନ୍ ହଲ୍‌ଠାରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ୍ ମଦକର, ଅତିରିକ୍ତ ଜିଲ୍ଲାପାଳ(ସାଧରଣ) ପୀତାମ୍ବର ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନୀତା ପଟ୍ଟନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ



ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ୧୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୭ଟି ସାମୂହିକ ଅଭିଯୋଗ ଓ ୧୧୬ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାସନ୍‌କାର୍ଡ ପ୍ରଦାନ, ଇନ୍ଦିରା ଆବାସ ଯୋଜନା, ଜମି ବିବାଦ, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ, ବସୁନ୍ଧରା ଯୋଜନା, ମୃତ୍ୟୁ ସହାୟତା, କଳାକାର ଭତ୍ତା ଇତ୍ୟାଦି ଦରଖାସ୍ତଗୁଡ଼ିକ ମୁଖ୍ୟ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ମହାକାଳପଡ଼ାର ପଙ୍କପାଳ ଜୟ ଜଗନ୍ନାଥ ଏସ୍‌ଏଚ୍‌ଜି ଗ୍ରୁପ ସଭାପତି ଓ ଅନ୍ୟମାନେ ଗାଁ ପୋଖରୀ, ବଗଡ଼ା ପଞ୍ଚାୟତର ଆଦିକନ୍ଦ ରାଉଳ ଓ ଅନ୍ୟମାନେ, ବହିରାସ ସରକାରୀ ପ୍ରାଥମିକ ସ୍କୁଲ୍, ବଗୁଆର ଅନନ୍ତ ନାରାୟଣ ତ୍ରିପାଠୀ ଓ ଅନ୍ୟମାନେ ରାସ୍ତା ନିର୍ମାଣ, ଚଉଦକୁଲାଟର ଦିଲୱାର୍ ଖାଁ ଓ ଅନ୍ୟମାନେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବିରୁଦ୍ଧରେ ଅନିୟମିତତା ଅଭିଯୋଗ, ରାସ୍ତା ଅବରୋଧ ହଟାଇବା ସମ୍ପର୍କରେ ଦୂତୀଆଳର ଗଣେଶ୍ୱର ସାହୁ ଓ ଅନ୍ୟମାନେ, ପଟ୍ଟାମୁଣ୍ଡାଇ ସିଦ୍ଧବଳୀର ଅଲେଖ ଚନ୍ଦ୍ର ତରାଇ ଓ ଅନ୍ୟମାନେ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ୧୬ ଓ ୧୭ ନମ୍ବର ୱାର୍ଡର ଅଧିବାସୀମାନେ ଅଭିଯୋଗ ଆଣିଥିଲେ। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜନଶୁଣାଣୀରେ ନିର୍ମଳ ମଲ୍ଲିକଙ୍କୁ ୩୦ ହଜାର, ଶୁଭସ୍ମିତା ସ୍ୱାଇଁଙ୍କୁ ୨୦ ହଜାର, ପୁରୁଷୋତ୍ତମ ପାତ୍ରଙ୍କୁ ୫ହଜାର ଟଙ୍କା ରେଡ୍‌କ୍ରସ୍ ପାଣ୍ଠିରୁ ଦିଆଯାଇଛି। ଜୁଲି ସେଠୀଙ୍କୁ ୧୫ ହଜାର, ସୁରେନ୍ଦ୍ର ନାଥ ସେଠୀଙ୍କୁ ୫ ହଜାର, ଉପେନ୍ଦ୍ର ବେହେରାଙ୍କୁ ୭ ହଜାର, ରଞ୍ଜିତ ମହାନ୍ତିଙ୍କୁ ୫ ହଜାର, ଶରତ କୁମାର ମହାକୁଡ଼ଙ୍କୁ ୧୦ ହଜାର, ଶରତ ଖୁଣ୍ଟିଆଙ୍କୁ ୫ ହଜାର, ଏସ୍‌କେ କମିରୁଦ୍ଦିନ୍‌ଙ୍କୁ ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ଜଣାଯାଇଛି।

## ପୋଖରିଆପଡ଼ାରେ ପୌର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୪।୧୨(ସମିସ):** ପ୍ରତି ଘରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜନସାଧାରଣ ଏହାର ସୁଯୋଗ ନେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳବାସୀଙ୍କ ପାଇଁ ପୋଖରୀଆପଡ଼ାଠାରେ ନୂତନ ପୌରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରି ଆୟୋଜିତ ଉତ୍ସବରେ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଲେ, ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଉପରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା ସମେତ ବିଭିନ୍ନ ବ୍ଲକର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାରୁ ଏହି ହସ୍ପିଟାଲ ଭାରାକ୍ରାନ୍ତ ହେବା ସହିତ ପୌରାଞ୍ଚଳବାସୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାନାଦି ଅସୁବିଧା ଭୋଗ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସରକାର ନୂତନ ପୌରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏଥିପାଇଁ ବିଧାୟକ ପୌରାଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସିଡିଏମଓ ଡା. ଅନୀତା ପଟନାୟକ, ଏଡିଏମଓ ସଚ୍ଚିଦାନନ୍ଦ ମିଶ୍ର ଓ ନୃପେନ୍ଦ୍ର ଶତପଥୀ, ଡିପିଏମ ଗୀତାଞ୍ଜଳି ଦାଶ, ଏପିଏମ ଦୀପକ ସ୍ୱାଇଁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ଲାସ୍ୟମୟୀ ସାହୁ ଓ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିପିଏମ ପ୍ରଶାନ୍ତ ଜେନା, ଚିତ୍ତରଞ୍ଜନ ଚାନ୍ଦ, ନୃସିଂହ ଚରଣ ଦାସ, ସୁବାଶିଷ ପଣ୍ଡା ଓ ସଞ୍ଜୟ ଦାସ ପରିଚାଳନା କରିଥିଲେ।



## ଶିକ୍ଷାବିତଙ୍କ ସ୍ମୃତିଚାରଣ ସଭା

**ଗୋବିନ୍ଦପୁର, ୪।୧୨(ସମିସ):** ହାଟସାହି ଗ୍ରାମର ବିଶିଷ୍ଟ ଶିକ୍ଷାବିତ କେଶବ ଚାରଣ ନାୟକଙ୍କ ଏକାଦଶାହରେ ଲକ୍ଷ୍ମୀଧର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଉପେନ୍ଦ୍ର ନାଥ ବେଉରିଆ, କୈଳାସ ଚନ୍ଦ୍ର ରାଉତ, ପରୀକ୍ଷିତ ପଢ଼ିହାରୀ, ବଟକୃଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ସୀତାରାମ ଦାସ, ସଞ୍ଜୟ କୁମାର ସାମଲ, ସରୋଜ କୁମାର ମଲ୍ଲିକ ନିରଞ୍ଜନ ବେହେରା, ନିତ୍ୟାନନ୍ଦ ସାହୁ, ରମାକାନ୍ତ ସାହୁ, କାଳୀପ୍ରସାଦ ନାୟକ, ଧନେଶ୍ୱର ଦାସ, ବୀରଭଦ୍ର ସାମଲ, ବାସୁଦେବ ରାଉତ, ସୁବାସ ମଲ୍ଲିକ, ସନ୍ତୋଷ ବେଉରିଆ, ସଚିତାନନ୍ଦ ଗୁରୁ, ଗନ୍ଧର୍ବ ଦାସ, ନରେନ୍ଦ୍ର ବଳ, ଲୋକନାଥ ସାମଲ, ନିରଞ୍ଜନ ବେହେରା, ଗୋପାଳ ଦାସ, ଗୋବିନ୍ଦ ନନ୍ଦ, ବିଦ୍ୟାଧର ଦାସ, ବିକ୍ରମ ଆଦିତ୍ୟ ପଢ଼ିହାରୀ ପ୍ରମୁଖ ଯୋଗଦେଇ କେଶବ ସାର ଜଣେ ଆଦର୍ଶ, କର୍ତ୍ତବ୍ୟ, ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ପଣ୍ଡିତ ବଟକୃଷ୍ଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅରୁପମା ମଲ୍ଲିକ ଶୋକ ସଙ୍ଗୀତ ଗାନ କରିଥିଲେ। ପ୍ରିୟଶ୍ରୁତି ନାୟକ, ସଞ୍ଜୀବ ମହାନ୍ତି, ମଳୟ ସାମଲ, ମନୋଜ ରାଉତ ପରିଚାଳନାରେ ସହଯୋଗ କରିଥିଲେ।

## ଲେବୁଲ୍ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ଡେରାବିଶ, ୪।୧୨(ସମିସ):** କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନସ୍ଥ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁର (ଘଣ୍ଟପଦା) ଦେଇ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ୍‌ରେ ଲେବୁଲ୍ ଯନ୍ତ୍ର ଧରି ଲେବୁଲ୍ ନେଉଥିବା ବେଳେ କେନାଲ୍ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଆଜି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଅଞ୍ଚଳର ରଘୁନାଥ ମଳିକ (୬୫)। ବିଦ୍ୟୁତ୍ ସଂସ୍ପର୍ଶରେ ରଘୁନାଥ ଆସି କେନାଲ୍ ଭିତରେ ପଡ଼ିଯାଇଥିବାବେଳେ ସେଠାରେ ଉପସ୍ଥିତ ଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ରଘୁନାଥଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନିକିରାଇ ଥାନା ପୁଲିସ୍ ମୃତ ରଘୁନାଥଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରଘୁନାଥ ଜଳସମ୍ପଦ ବିଭାଗର ଜଣେ ଅବସରପ୍ରାପ୍ତ ଖଲାସୀ। ଦୀର୍ଘ ୫ ବର୍ଷ ହେବ ସେ ଅବସର ନେଇଥିବାବେଳେ ବିଭାଗୀୟ କାର୍ଯ୍ୟରେ ତାଙ୍କୁ ଲେବୁଲ୍ କାର୍ଯ୍ୟ କରିବା ପାଇଁ ଜଣେ ଶ୍ରମିକ ଭାବେ ଡକାଯାଇଥାଏ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟ ସୂଚନା ଦେଇଛନ୍ତି।

କେନାଲ୍ ନିକଟରେ ଯାଇଥିବା ବିରୂପା ନଦୀର ଶାଗୁଣାଘାଇଠାରେ ଥିବା ନଦୀ ପଠାରେ ଗତ ତିନିଦିନ ହେବ ଫାଟ ସୃଷ୍ଟି ହେଉଥିବା ନେଇ ନଦୀକୂଳିଆ ଅଧିବାସୀ ଆତଙ୍କିତ ଅବସ୍ଥାରେ ରହିଥିବାରୁ ଏହାକୁ ପରିଦର୍ଶନ କରିବା ପାଇଁ ଆଜି ଜଳସମ୍ପଦ ବିଭାଗର ମହାନଦୀ, ବ୍ରାହ୍ମଣୀ, ବିରୂପା ଓ ବୈତରଣୀ ସିଷ୍ଟମର ମୁଖ୍ୟଯନ୍ତ୍ରୀ ରୋହିତ କୁମାର ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖ ପରିଦର୍ଶନ କରି ଫେରିଥିଲେ। ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କେଉଁ କାରଣ ପାଇଁ ଏଠାରେ ଫାଟ ସୃଷ୍ଟି ହୋଇଛି ତାହାର ପରୀକ୍ଷା ପାଇଁ ନଦୀ ନିକଟରେ ବହିଯାଇଥିବା ପଟ୍ଟାମୁଣ୍ଡାଇ କେନାଲ୍‌ର ଲେବୁଲକୁ ପରୀକ୍ଷା କରାଯାଇଥିଲା। କେନାଲ୍ ଭିତରେ ରହି ରଘୁନାଥ ଲେବୁଲ୍ ଯନ୍ତ୍ର ଧରି ଲେବୁଲ୍ ନେଉଥିବାବେଳେ ଅସାବଧାନତା ବଶତଃ ଲେବୁଲ୍ ଯନ୍ତ୍ରଟି ୧୧ କେଭି ତାରରେ ଲାଗିଯାଇଥିଲା ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ରାୟ କହିଛନ୍ତି।

## ଜଳିଗଲା ୨ ବଖରା

**ରାଜନଗର, ୪।୧୨(ସମିସ):** ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ପପୁନି ଦାସଙ୍କ ଘର ଆଜି ଦିନ ୧୧ ଘଟିକା ସମୟରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ପପୁନିଙ୍କ ୨ ବଖରା ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ, ଟଙ୍କା ପୋଡି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଳିକ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ୭ଦିନର ରନ୍ଧାଖାଦ୍ୟର ବ୍ୟବସ୍ଥା କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବ ସମାଜସେବୀ ପ୍ରମୋଦ କୁମାର ପ୍ରଧାନ ଓ ଅଞ୍ଚଳବାସୀ ଦାବି କରିଛନ୍ତି।



## ଥାନା ଛକରେ ଯାଞ୍ଚ କଡ଼ାକଡ଼ି



**ରାଜକନିକା, ୪।୧୨(ସମିସ):** ସଡ଼କ ସୁରକ୍ଷା ଉଦ୍ଦେଶ୍ୟରେ ଗତ ସପ୍ତାହରେ ସଡ଼କ ନିୟମ ମାନିବାକୁ ସଚେତନ କରାଇଥିବା ପୁଲିସ ଆଜି ରାସ୍ତାରେ ନିୟମ ମାନି ନ ଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଛି। ଦୁଇଚକିଆ ଯାନ ଚଲାଇବା ବେଳେ ହେଲମେଟ ପିନ୍ଧିବା, ଚାରିଚକିଆ ଯାନ ଚଲାଇବା ବେଳେ ସିଟ୍ ବେଲ୍ଟ ବାନ୍ଧି ନ ଥିବା ଚାଳକଙ୍କୁ ସ୍ଥାନୀୟ ପୁଲିସ ସଚେତନ କରାଇବା ପାଇଁ ହେଲମେଟ ବାଣ୍ଟିବା, ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିବା ପୁଲିସ ଆଜି ସଚେତନ ନ ହୋଇ ନିୟମ ଭାଙ୍ଗିଥିବା ଚାଳକଙ୍କୁ ଜରିମାନା କରିଛି। ହେଲମେଟ ପିନ୍ଧି ନ ଥିଲେ ଏକ ହଜାର ଟଙ୍କାର ଚାଲାଣ ସହ ସିଟ ବେଲ୍ଟ ନ ବାନ୍ଧିଲେ ଦୁଇ ହଜାର ଟଙ୍କା ଚାଲାଣ କାଟିଥିବା ଦେଖିବାକୁ ମିଳିଥିଲା। ରାଜକନିକା ପୁଲିସ ଆଜି ରାଜକନିକାର ଅଶୋକ ବଜାରରୁ କଣ୍ଟପଡ଼ା ରାସ୍ତାର ଥାନା ଛକରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୁଲିସ ଟିମ ଯାଞ୍ଚ କରି ହେଲମେଟ ଓ ଚାରିଚକିଆ ଯାନର ସିଟ ବେଲ୍ଟ ଚେକିଂ କରିଥିଲା। ଆଜି ନିୟମ ମାନି ନ ଥିବା ୧୬ଟି ଗାଡ଼ିକୁ ଅଟକ ରଖିବା ସହିତ ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ରାଜକନିକା ପୁଲିସ ପକ୍ଷରୁ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**କେନ୍ଦ୍ରାପଡ଼ା, ୪।୧୨(ସମିସ):** ଘରେ କେହି ନ ଥିବା ସୁଯୋଗ ନେଇ ଘରର ସର୍ବସ୍ୱ ଲୁଟିନେଇଛନ୍ତି ଦୁର୍ବୃତ୍ତ। ଏଭଳି ଏକ ଘଟଣା ଟାଉନ ଥାନା ଅଧୀନ ଜଇପୁରା ଅଞ୍ଚଳରେ ଦେଖିବାକୁ ମିଳିଛି। ରିହାନା ବିବିଙ୍କ ସ୍ୱାମୀ ସେଖ ସାହାବିର ଅଲ୍ଲୀ ଛତିଶଗଡ଼ରେ ଏକ ହୋଟେଲ କରିଛନ୍ତି। ପତ୍ନୀ ରିହାନା ଘରେ ତାଲା ଦେଇ ସ୍ୱାମୀଙ୍କ ନିକଟକୁ ଯାଇଥିଲେ। ଘର ଆଲମିରା ଲକରରେ ୮୦ ହଜାର ଟଙ୍କା, ୨ଟି ସୁନା ମୁଦି, ୩ ହଳ କାନଫୁଲ ରଖିଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଅଳଙ୍କାର, ୮୦ ହଜାର ଟଙ୍କା, ଏଲଇଡି ଟିଭି, ଗ୍ୟାସ ସିଲିଣ୍ଡର ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସକୁ ରିହାନା ଏକ ଲିଖିତ ଅଭିଯୋଗ ଦେବା ପରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ଭିନ୍ନକ୍ଷମ ସଶକ୍ତିକରଣର ଶ୍ରେଷ୍ଠ ଜିଲ୍ଲା ବର୍ଗରେ କେନ୍ଦ୍ରାପଡ଼ା ପୁରସ୍କୃତ

**କେନ୍ଦ୍ରାପଡ଼ା, ୪।୧୨(ସମିସ)**

ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ମିଳିଛି ରାଜ୍ୟ ପୁରସ୍କାର। 'ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ' ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଏହି ସମ୍ମାନରେ ସମ୍ମାନୀତ ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଏହି ପୁରସ୍କାର ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କଠାରୁ ଗ୍ରହଣ କରିଛନ୍ତି। ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ୫୦ ହଜାର ପୁରସ୍କାର ରାଶି ମିଳିଛି ଜିଲ୍ଲା ପ୍ରଶାସନକୁ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ। ସୂଚନା ମୁତାବକ, ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଜିଲ୍ଲାରେ




ଭିନ୍ନକ୍ଷମଙ୍କ ସଂଖ୍ୟା ୪୦, ୧୧୦। ସେମାନଙ୍କ ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଅହରହ ଉଦ୍ୟମ ଚଳାଇଛି। ସେମାନଙ୍କ ମଙ୍ଗଳ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ମଧ୍ୟରେ ରହିଛି ମଧୁବାବୁ ଭିନ୍ନକ୍ଷମ ପେନସନ ଯୋଜନା, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ପେନସନ୍ ଯୋଜନା, ବାଣୀଶ୍ରୀ, ପ୍ରି-ମାଟ୍ରିକ୍, ପୋଷ୍ଟ-ମାଟ୍ରିକ୍ ଶିକ୍ଷାବୃତ୍ତି, ଭିନ୍ନକ୍ଷମ ପିତାମାତାଙ୍କ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ପିଲାଙ୍କୁ ଶିକ୍ଷାବୃତ୍ତି, ଭିନ୍ନକ୍ଷମଙ୍କୁ ସାଧାରଣ ବ୍ୟକ୍ତି ବିବାହ କଲେ ବିବାହ ପାଇଁ ପ୍ରୋତ୍ସାହନ ରାଶି, ବିଭିନ୍ନ ପ୍ରକାର ସହାୟକ ଉପକରଣ, ସ୍ୱତନ୍ତ୍ର ଶିକ୍ଷା ଓ କର୍ମନିଯୁକ୍ତି ଆଦି ବ୍ୟବସ୍ଥା କରାଯାଇଛି। ସର୍ବୋପରି ଜିଲ୍ଲାରେ ପୁରୁଣା ମେଡିକାଲ୍ ପରିସରରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଡିଷ୍ଟ୍ରିକ୍ଟ ଡିଜାବିଲିଟି ରିହାବିଲିଟେସନ୍ ସେଣ୍ଟର୍ ବା ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ।

## ସମିତିସଭ୍ୟ ଓ ୱାର୍ଡସଭ୍ୟଙ୍କ ଗଣଧାରଣା

**ଡେରାବିଶ, ୪।୧୨(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତରେ ସରପଞ୍ଚଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧ କରି ଆଜି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସମିତିସଭ୍ୟଙ୍କ ସମେତ ୧୨ ଜଣ ୱାର୍ଡ ସଭ୍ୟସଭ୍ୟା ଧାରଣାରେ ବସିଥିଲେ। ଏ ସମ୍ପର୍କରେ ପୂର୍ବରୁ ବିଡିଓଙ୍କୁ ୱାର୍ଡସଭ୍ୟ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ହେଉଥିବା ଅନିୟମିତତା, ପଞ୍ଚାୟତ ବୈଠକ ପାଇଁ ଗତ ୬ ମାସ ହେବ କୌଣସି ୱାର୍ଡସଭ୍ୟଙ୍କୁ ଯୋଗଦେବାକୁ ନୋଟିସ୍ ନ ଦେବା, ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ଉପସ୍ଥିତିରେ ପଞ୍ଚାୟତର ଏକ ବୈଠକରେ ୱାର୍ଡ ସଭ୍ୟସଭ୍ୟାଙ୍କୁ ଅବମାନନା କରି ଉଠାଇ ଦେବା ଇତ୍ୟାଦି କାର୍ଯ୍ୟର ପ୍ରତିବାଦ କରି ଆଜିର ଧାରଣା ବୋଲି ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ସୂଚନା ଦେଇଛନ୍ତି। ଏଥିସହିତ ସଭାରେ ଗୃହିତ ହୋଇ ନ ଥିବା କିଛି କାର୍ଯ୍ୟକୁ ତଞ୍ଚକତା କରି ସଭା ବହିରେ ସ୍ଥାନିତ କରାଯାଇ ବାହାର ଜିଲ୍ଲା ଅଞ୍ଚଳରେ ରାସ୍ତା କାମ କରାଯାଉଥିବା ନେଇ ବିଡିଓଙ୍କୁ ଦିଆଯାଇଥିବା ଅଭିଯୋଗ ଦର୍ଶାଯାଇଛି। ଧାରଣାସ୍ଥଳକୁ ଏବିଡିଓ ଭଞ୍ଜକିଶୋର ନାୟକ ଦିନ ଗୋଟାଏ ସମୟରେ ଆସି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ବିଡିଓ ଖୁବ୍‌ଶୀଘ୍ର ପଞ୍ଚାୟତକୁ ଆସି ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟସଭ୍ୟାଙ୍କୁ ଡାକି ଆଲୋଚନା ସହ କାର୍ଯ୍ୟକାରୀ ହୋଇଥିବା ସମସ୍ତ ଉନ୍ନୟନ କାର୍ଯ୍ୟର କାଗଜପତ୍ର ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



### ସହରର ଜନଗହଳି ପୂର୍ଣ୍ଣ ରାସ୍ତା କଡ଼ରୁ ହଟିବ ବସ୍ ରହଣି ସ୍ଥଳ

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନର ପ୍ରସ୍ତୁତି

ଜଗତସିଂହପୁର, ୪।୧୨(ସମିସ): ଜଗତସିଂପୁର ସହରର ଜନଗହଳିପୂର୍ଣ୍ଣ ରାସ୍ତା କଡରୁ ବିପଦପୂର୍ଣ୍ଣ ବସ୍‌ରହଣି ସ୍ଥଳ ହଟିବ। ଜୋଗଧାରୀରେ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ୧୬ କୋଟି ଟଙ୍କା ବ୍ୟୟରେ ଏହି ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ଯାଉଛି। କିଛିମାସ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବା ସହ ଏହାକୁ ଆଦର୍ଶ ବସଷ୍ଟାଣ୍ଡରେ ରୂପନ୍ତରିତ କରାଯିବା ନେଇ ଘୋଷଣା

**■ ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଆଦର୍ଶ ବସ୍‌ଷ୍ଟାଣ୍ଡ**

କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଜଗତସିଂହପୁର ମୁନିସପାଟିଟି ପକ୍ଷରୁ ସୋମବାର ଏଠାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯିବା ସହ ଭିତ୍ତିଭୂମିର ପ୍ରସ୍ତୁତି ଆରମ୍ଭ ହୋଇଛି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ମୁନିସପାଲିଟି ପକ୍ଷରୁ ପୂର୍ତ୍ତ ବିଭାଗକୁ ଏହି ଜମି ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ଦୀର୍ଘ ୧୧ ବର୍ଷ ତଳେ ଜଗତସିଂହପୁର ସହରର ଜୋଗଧାରୀଠାରେ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବସଷ୍ଟାଣ୍ଡ ବିଭିନ୍ନ କାରଣରୁ କାମରେ ଲାଗି ନ ଥିଲା। ଅବ୍ୟବହୃତ ଏହି ବସଷ୍ଟାଣ୍ଡର ଫଳକ ଭାଙ୍ଗିବା ସହ ଏହା ଉପରେ ଅନାବନା ଗଛ ଲତା ମାଡିଯାଇଥିଲା।



ଏପରିକି ରକ୍ଷଣାବେକ୍ଷଣ ଅଭାବରୁ ମୂଲ୍ୟବାନ ଗୃହଗୁଡିକ ମଧ ନଷ୍ଟ ହୋଇଥିଲା। ପ୍ରଶାସନ ଅବହେଳାର ସୁଯୋଗ ନେଇ ବସଷ୍ଟାଣ୍ଡର କିଛି ଅଞ୍ଚଳ ଜବରଦଖଲକାରୀ କବ୍ଜାରେ ରହିଥିଲା। ତେବେ କିଛି ମାସ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବା ନିମନ୍ତେ ୧୫ କୋଟି ୯୪ ଲକ୍ଷ ୧୫ହଜାର ଟଙ୍କା ବ୍ୟୟ ବରାଦରେ ଏହାକୁ ଆଦର୍ଶ ବସଷ୍ଟାଣ୍ଡରେ ରୂପନ୍ତରିତ କରାଯିବା ନେଇ ଘୋଷଣା କରାଯାଇଥିଲା। ଏ ନେଇ ଜଗତସିଂହପୁର ମୁନିସପାଟିଟି ପକ୍ଷରୁ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ଉପସ୍ଥିତିରେ ଏଠାରେ ବସଷ୍ଟାଣ୍ଡର ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯିବା ସହିତ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ରହିଥିବା ଜରାଜୀର୍ଣ୍ଣ ଘରଗୁଡିକୁ ଭଙ୍ଗାଯିବା ସହ ଜମିକୁ ସମତୁଲ କରାଯାଇଛି। ଏହି ବସଷ୍ଟାଣ୍ଡର ନିର୍ମାଣ ପରେ ଦୀର୍ଘଦିନଧରି ସହରର ମୁଖ୍ୟ ଜନ ଗହଳି ପୂର୍ଣ୍ଣ ରାସ୍ତା କଡରେ ଚାଲିଥିବା ବସ୍ ରହଣି ସ୍ଥଳ ହଟିବାର ଅଶା ଉଜ୍ଜିବୀତ ହୋଇଛି।

ଏଠାରେ ସୂଚନା ଯୋଗ୍ୟ ଯେ, ଜଗତସିଂହପୁର ସହରରେ ଜନସଂଖ୍ୟା ବୃଦ୍ଧି ସହ ସହିତ ଗାଡି ମଟର ସଂଖ୍ୟା ବୃଦ୍ଧିପାଇବାରୁ ଟ୍ରାଫିକ ଜନିତ ସମସ୍ୟା ସୃଷ୍ଟି ହୋଇଥିଲା। ଦୁର୍ଘଟଣାର ଅଭିବୃଦ୍ଧିକୁ ନେଇ ଜଗତସିଂହପୁରେ ଜିଲ୍ଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ସହରର ବସ ରହଣି ସ୍ଥଳକୁ ଜୋଗଧାରୀ ଦଣ୍ଡାକୁ ସ୍ଥାନାନ୍ତର ପାଇଁ ନିଷ୍ପତି ହୋଇଥିଲା। ତେବେ ଏହି ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ୨୦୦୩ ମସିହାରେ କରାଯାଇଥିଲା। ଏତିପାଇଁ ମୁନିସପାଲିଟି ପକ୍ଷରୁ ପ୍ରାୟ ୭୭ଲକ୍ଷ ୭୬ ହଜାର ୭୪୯ ଲକ୍ଷ ଟଙ୍କା ଓ ପରେ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ବେସରକାରୀ ବସ୍‌ମାଲିକ ସଂଘ ଓ ଘରୋଇ ଟ୍ରେକର ସଂଘ ପକ୍ଷରୁ ବ୍ୟବସାୟିକ କ୍ଷତି ହେବା ଦର୍ଶାଇ ବସଷ୍ଟାଣ୍ଡକୁ ବିରୋଧ କରିବା ପରେ ଏଠାରେ ବସ୍‌ଷ୍ଟାଣ୍ଡ କାର୍ଯ୍ୟ କାରୀ ହୋଇପାରି ନ ଥଲା। ବର୍ଷ ବର୍ଷ ଧରି ଅବ୍ୟବହୃତ ଓ ଯତ୍ନ ଅଭାବରୁ ବସଷ୍ଟାଣ୍ଡଟି ଭାଙ୍ଗିରୁଜି ଯାଇଥିଲା। ଏବେ ସେହି ସ୍ଥାନରେ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଯାଉଛି।

## ୩୯ ୟୁନିଟ୍ ରକ୍ତ ସଂଗ୍ରହ



ବାଲିକୁଦା, ୪।୧୨(ସମିସ): ବାଲିକୁଦା ମହିଳା ମହାବିଦ୍ୟାଳୟ ଏବଂ ହେଲପିଂ ହାଣ୍ଡସର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜଗତସିଂହପୁର ମେଡିକାଲର ରକ୍ତ ଭଣ୍ଡାର ଟିମ୍ ଏହି ରକ୍ତ ସଂଗ୍ରହ କରିଥିଲେ। ଶିବିର ପରିଚାଳନା କରିବାରେ ଅଧ୍ୟକ୍ଷା ତନୁ ବାଳା କାନୁନଗୋ, କଲ୍ୟାଣୀ ପଣ୍ଡା, ରାଜଶ୍ରୀ ହୋତା, ଅଧାପିକା ସୌଦାମିନୀ ଶତପଥୀ, ଅଧାପକ ନରୋତ୍ତମ ଦାସ, ସୁନୀଲ ସ୍ୱାଇଁ ଏବଂ ଦେବେନ୍ଦ୍ର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ହେଲପିଂ ହାଣ୍ଡସ ତରଫରୁ ସୁରେନ୍ଦ୍ର ବିଶ୍ୱାଳ, ସୁଦର୍ଶନ କାଣ୍ଡି, ଆଶିଷ ତାରିଣୀଆ, ଶିବପ୍ରସାଦ ମହାର, ତ୍ରିଲୋଚନ ଦାସ, ପ୍ରକାଶ ସାହୁ, ପ୍ରଦୀପ ସାହୁ, ସମରଜିତ ବିଶ୍ୱାଳ, ସୌମ୍ୟରଞ୍ଜନ ଓଝା, ଦେବାଶିଷ ଦାସ, ଦେବବ୍ରତ ଦାସ, ଗଣେଶ୍ୱର ସାହୁ, ଶିବପ୍ରସାଦ ସାହୁ, ରଞ୍ଜିତ ଦାସ, ଜୟ ପ୍ରସାଦ ସାହୁ, ସୁନୀଲ ନାୟକ, ଡକ୍ଟର ସୌଭାଗ୍ୟ ପରିଜା, ବିଶ୍ୱ ରଞ୍ଜନ ମଲ୍ଲକ, ଅଞ୍ଜଳି ସାହୁ, ନିହାରିକା ମହାନ୍ତି, ଗୋପବନ୍ଧୁ ମହାନ୍ତି, ରାମଚନ୍ଦ୍ର ମଲିକ, ହିରଣ୍ୟ ଗୋଛାୟତା ଏବଂ ଯୋତିର୍ମୟୀ ଦାସ ସହଯୋଗ କରିଥିଲେ।

## ବଅଁରପାଳ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ବଅଁରପାଳ, ୪।୧୨(ସମିସ): ସ୍ଥାନୀୟ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇ ଦିନିଆ ସପ୍ତ ବିଂଶତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିଚାଳନା କମିଟିର ସଭାପତି ସତ୍ୟବାନ ବରାହଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ ନାଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, କ୍ରୀଡା ମଶାଲ ସ୍ଥାପନ ଓ କ୍ରୀଡା ଧ୍ୱଜା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କୁନିକୁନି ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ଭାବେ ପିବିକେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ଓ ଶିଶୁମନ୍ଦିରର ସମ୍ପାଦକ ଅଖିଳ ମହାପାତ୍ର ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ତନ୍ମୟ ନାଥ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଜୟ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପରିଚାଳିତ ହୋଇଛି।

## ଘରେ ଘରେ ପହଞ୍ଚିବ 'ନବୀନ ଓଡ଼ିଶା'

ଅନୁଗୋଳ, ୪।୧୨(ସମିସ): ଅନୁଗୋଳ ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମ ଅନୁଗୋଳ ସଭାଘରେ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ତଥା ଅନୁଗୋଳ ଜିଲ୍ଲା ପର୍ଯ୍ୟବେକ୍ଷକ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ଓ ୱାର୍ଡସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ଯୁବ ଛାତ୍ର ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କୁ ନେଇ ଏହି ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବସୁଧାର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଦିନେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବିଶିଷ୍ଟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟମକେଶ ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସାମିଲ ହୋଇ ଯୁବକ ଓ ଛାତ୍ର ମାନଙ୍କୁ ନବୀନ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ ଓ ଉଦ୍ଦେଶ୍ୟ ବିଷୟରେ ଦିଗଦର୍ଶନ ଦେଇଥିଲେ। ନବୀନ ଓଡ଼ିଶାର କାର୍ଯ୍ୟକ୍ରମକୁ ଘରେ ଘରେ ପ୍ରତ୍ୟକ ପରିବାର ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ କୁନ ବିହାରି ଦାସ, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଅନୁଗୋଳ ବିଧାୟକ ରଜନିକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପାଲଲହଡା ବିଧାୟକ ମୁକେଶ ପାଲ, ବିଜେଡି ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ପ୍ରଦୀପ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପଦେଷ୍ଟା ପ୍ରକାଶ ଡାଙ୍ଗ, ରାଜ୍ୟ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ର ଜନତା ଦଳର ସଭାପତି ରାଜୀବ ଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ମାଟିରେ ମିଶିଲା ଚାଳଘର



**■ ସରକାରଙ୍କ ତରଫରୁ ମିଳିଥିବା ଜାଗାକୁ ରେକର୍ଡ କରି ପାରିଲେନି**

ତିର୍ତ୍ତୋଲ, ୪।୧୨(ସମିସ): ତିର୍ତ୍ତୋଲ ତହସିଲ ଅଧୀନ ନାଉସୀରା ଗ୍ରାମର ବିଭୂତି ଭୂଷଣ ହାଲଦାର ସରକାରୀ ଜାଗାରେ କରିଥିବା ଝାଟିମାଟି ଚାଳ ଘର ମାଟିରେ ମିଶିଛି। ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶରେ ତିର୍ତ୍ତୋଲ ତହସିଲଦାର ଓ ପୁଲିସ ଉପସ୍ଥିତିରେ ସୋମବାର ଅପରାହ୍ନରେ ପ୍ରଶାସନ ବୁଲ୍ ଡଜୋର ଦ୍ୱାରା ଭାଙ୍ଗି ଦେଇଛି। ତେବେ ନାଉସୀରା ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏଭଳିକି ତହସିଲଦାର ଓ ପୁଲିସକୁ ଅନୁରୋଧ କରିଥିଲେ ବି କିଛି ଲାଭ ହୋଇ ନ ଥିଲା। ଏହା ଦେଖି ବିଭୂତିଙ୍କ ପରିବାରର ଦୁଇ ମହିଳା ଚିତ୍କାର କରି କାନ୍ଦିବା ସହ ବେହୋସ ହୋଇ ପଡ଼ିଥିଲେ। ପରେ ଦମକଳ ବାହିନୀ ଓ ୧୦୮ ଯୋଗେ ଦୁଇ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଗ୍ରାମବାସୀଙ୍କ କହିବା ମୁତାବକ ବିଭୂତିଙ୍କ ପରିବାର ତିନି ପଢ଼ି ଧରି ଏଠାରେ ରହୁଛନ୍ତି। ବିଭୂତିଙ୍କ କହିବା ମୁତାବକ ପ୍ରଧାନମନ୍ତ୍ରୀଙ୍କ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଅଧୀନରେ ୧୯୮୩ରେ ତିର୍ତ୍ତୋଲ ତହସିଲଦାର ଲିଜ କେସ୍ ନଂ ୩୮୫/୧୯୮୩କୁ ବିଚାର କରି ତାଙ୍କୁ ୪ଡିସମିଲ ଜମି ପ୍ରଦାନ ସହ ଏହାକୁ ରେର୍କଡ କରି ପଟ୍ଟା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ବିଭୂତି ଦାରିଦ୍ର୍ୟ ଓ ଅଶିକ୍ଷିତ ହୋଇଥିବାରୁ ଏହାକୁ କାର୍ଯ୍ୟ କରାଇ ପାରି ନ ଥିଲେ। ତତ୍କାଳୀନ ତହସିଲଦାରଙ୍କ ନିର୍ଦ୍ଦେଶ କପି ଏବେ ମଧ ତାଙ୍କ ପାଖରେ ରହିଛି।

## ହୃଦ୍‌ଘାତରେ ମହିଳାଙ୍କ ପରଲୋକ



ମଣିଜଙ୍ଗା, ୪।୧୨(ସମିସ): ତିର୍ତ୍ତୋଲ ବ୍ଲକର ପିପ୍ପଳମାଧବ ପଞ୍ଚାୟତ ଅଇବିଲି ଗ୍ରାମର ଶରଳାବାଳା ସ୍ୱାଇଁ (୭୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ସେ ଜଣେ ଦରଦୀ, ସ୍ନେହୀ ଓ ପରଉପକାରୀ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଜଗଦୀଶ, ବଳରାମ, ସାଜନ, ବୋହୂ ପ୍ରତିମା, ଝିଅ ସଂଘମିତ୍ରା, ଜଲି, ଝିଲି, ଜ୍ୱାଇଁ ରଞ୍ଜିତ୍ ପାଲ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶବଦାହ କରାଯାଇଥିଲା। ବଡ଼ପୁଅ ଜଗଦୀଶ ମୁଖାଗ୍ନି ଦେଇଥିଲେ।

## ମହାପ୍ରଭୁଙ୍କ ପଇତାଲାଗି



ପୁରୀ, ୪।୧୨(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ୫ଟା ୫ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ୫ଟା ୨୫ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ୫ଟା ୩୦ରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

## ହାଇୱା ଧକ୍କାରେ ୩ ସ୍କୁଟି ଆରୋହୀ ଗୁରୁତର

ରଘୁନାଥପୁର, ୪।୧୨(ସମିସ): କଟକ-ପାରାଦୀପ ରାସ୍ତାର ତିର୍ତ୍ତୋଲ ଥାନା ଅଧୀନ ଜଇପୁର ନିକଟରେ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ୩ ଜଣ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ଏମାନେ ହେଲେ ମହାଳହାଟ ଫାଣ୍ଡି ଅଧୀନ ସଫିପୁର ଗ୍ରାମର ଓମ୍‌ପ୍ରକାଶ ସ୍ୱାଇଁ (୧୫), ଗୋବିନ୍ଦପୁର ଗ୍ରାମର ରୁଦ୍ରପ୍ରସାଦ ମହାନ୍ତି (୧୦), ପଟକୁରା ଅଞ୍ଚଳର ଶୁଭଙ୍କର ସ୍ୱାଇଁ (୨୨)। ଏମାନେ ସ୍କୁଟିରଖି ପରିଶ୍ରା କରୁଥିବା ବେଳେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ହଇୱା ସ୍କୁଟି ଉପରକୁ ମାଡିଯାଇଥିଲା। ଏହା ଫଳରେ ଘଟଣାସ୍ଥଳରେ ଏମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଏମାନଙ୍କୁ ରଘୁନାଥପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତିର୍ତ୍ତୋଲ ଥାନା ଅଧିକାରୀ ମିତ୍ରଭାନୁ ଓଝା ପହଞ୍ଚି ହାଇୱା ଓ ସ୍କୁଟି ଜବତ କରିଛନ୍ତି। ହାଇୱା ଡ୍ରାଇଭରକୁ ପୁଲିସ ଗିରଫ କରି ଘଟଣାର ତଦନ୍ତ ଚଳାଇଛନ୍ତି।

● ମହିଳାଙ୍କୁ ଅସଦାଚରଣ ଅଭିଯୋଗ

## ଯୁବକଙ୍କୁ ଲଣ୍ଡା କରି ଚୂନ, କାଳି ବୋଳି ଛେଚିଲେ

ପାରାଦୀପ, ୪।୧୨(ସମିସ): ପାରାଦୀପ ନେହରୁ ବଙ୍ଗଳା ମେରାଇନ ଥାନା ଅଞ୍ଚଳରେ ଜଣେ ୬୦ ବର୍ଷର ମହିଳା ପରିସ୍ରା କରିବାକୁ ଯାଇଥିବା ବେଳେ ନିଶାସକ୍ତ ଅବସ୍ଥାରେ ଥିବା ଜଣେ ଯୁବକ ତାଙ୍କୁ ଅସଦାଚରଣ କରଛି। ଏହି ଘଟଣାରେ ଅଭିଯୁକ୍ତ ଅଭୟ ବେହେରା (୩୯)କୁ ତାଙ୍କୁ ଘର ଲୋକେ ଲଣ୍ଡା କରି ଚୂନ, କାଳି ବୋଳିବା ସହ ଛେଚିଛନ୍ତି। ସେ ତାଙ୍କ ପାଟିରେ କପଡ଼ା ଦେଇ ଦେବାରୁ ମହିଳା ଜଣକ ତଳେ ପଡ଼ି ଖଣ୍ଡିଆ ଖାବରା ହେବା ସହ ଚିତ୍କାର କରିବାରୁ ପରିବାର ଲୋକେ ପହଞ୍ଚି ଥିଲେ। ପରିବାର ପକ୍ଷରୁ ଯୁବକ ମୁହଁରେ ଚୂନ କାଳୀ ଲଗାଇବା ସହ ଲଣ୍ଡା କରି ବାନ୍ଧି ପକାଇ ପିଟିଥିଲେ। ତେବେ ଏ ସମ୍ପର୍କରେ ଯୁବକ ଜଣକ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ମହିଳା ଜଣଙ୍କ ମଧ ତାଙ୍କୁ ଅସଦାଚରଣ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଯୁବକଙ୍କୁ ଚୂନ କାଳୀ ଲଗାଇ ଲଣ୍ଡା କରି ମାରିଥିବା ମହିଳାଙ୍କ ସ୍ୱାମୀ ଓ ତାଙ୍କ ସଢୁକୁ ଥାନାରେ ଅଟକ ରଖାଯାଇଛି। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ହିଙ୍ଗୁଳା ପୋଖରୀରୁ ଶବ ଉଦ୍ଧାର

ଡେରା, ୪।୧୨(ସମିସ): ତାଳଚେରର ମା' ହିଙ୍ଗୁଳା ମନ୍ଦିର ପାଖରେ ଥିବା ପୋଖରୀରୁ ଜରେ ବୃଦ୍ଧଙ୍କ ମୃତଦେହ ମିଳିଛି। ଆଖପାଖରେ ସେ ଭିକ୍ଷାବୃତ୍ତି କରି ଆସୁଥିଲେ। ଗୋପାଳ ପ୍ରସାଦ ଥାନା ପୁଲିସ ଅଗ୍ନିଶମ ବିଭାଗ ସହଯୋଗରେ ପୋଖରୀରୁ ଶବ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପରେ ଅଞ୍ଚଳବାସୀଙ୍କ ଦ୍ୱାରା ସଂସ୍କାର କରାଯାଇଛି।



ଜଗତସିଂହପୁର ପୌରପରିଷଦ ୬ ନମ୍ବର ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ବିଜୟଲାଭ ପରେ ବିଜେଡି ନେତ୍ରୀ ରୋଜାଲିନ ଦାଶ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଉଛନ୍ତି।



'୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପରଜଙ୍ଗ ବିଧାୟକ ନୃସିଂହ ସାହୁ ଶୁଭେଚ୍ଛା ଜଣାଉଛନ୍ତି।

ସକାଳ THE SAKALA



## ଧର୍ମଶାଳା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ




ଧର୍ମଶାଳା, ୪।୧୨(ସମିସ): ଜାରକାସ୍ଥ କାର୍ଯ୍ୟାଳୟରେ ଧର୍ମଶାଳା ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପାଳନ, ପ୍ରେସ୍ କ୍ଲବ୍‌ର ବାର୍ଷିକ ମୁଖପତ୍ର 'ପ୍ରହରୀ' ପ୍ରକାଶନ, ଶିକ୍ଷା ଭ୍ରମଣ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆସନ୍ତା ୩୧ ତାରିଖ ମଧ୍ୟରେ ପତ୍ରିକା ପାଇଁ ଲେଖା ଆହ୍ୱାନ କରାଯିବା ସହ ସମ୍ପାଦକ ମଣ୍ଡଳୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପଦେଷ୍ଟା ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ପ୍ରେସ୍ କ୍ଲବର କାର୍ଯ୍ୟଧାରା ଉପରେ ଆଲୋକପାତ କରିବା ସହ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସହସମ୍ପାଦକ ମାନସ ରଞ୍ଜନ ଜେନା, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବରିଷ୍ଠ ସଦସ୍ୟ କପିଳେନ୍ଦ୍ର ରାଉତ, ବିବେକାନନ୍ଦ ରାୟ, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ ରାଉତ, ଗିରିଧାରୀ ବେହେରା, ସୁବ୍ରତ ଜେନା, କିଶୋର ରାଉତ, ବିନୋଦ ପରିଡ଼ା, ଅନୀଲ ନାୟକ, ରଶ୍ମୀରଞ୍ଜନ ରାୟ, ପ୍ରସନ୍ନ କୁମାର ପାଣି, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

## 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରତିଯୋଗିତା




ବିଞ୍ଝାରପୁର, ୪।୧୨(ସମିସ): ବିଞ୍ଝାରପୁର ବ୍ଲକସ୍ଥ ଆଞ୍ଚଳିକ ବଳଦେବଜୀଉ ମହିଳା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅବସରରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜ୍ଞାନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବ୍ଲକର ଅବସରପ୍ରାପ୍ତ ସହଶିକ୍ଷା ଅଧିକାରୀ ବିନୋଦ ବିହାରୀ ପଲାଇ, ଆଞ୍ଚଳିକ ବଳଦେବଜୀଉ ସ୍ନାତକ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ଜ୍ୟୋତ୍ସ୍ନା ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସାଂସ୍କୃତିକ ବିଭାଗ ସଂଯୋଜିକା ଅଧ୍ୟାପିକା ମମତାମୟୀ ସାମଲ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ପଟ୍ଟନାୟକ, ଡଃ ସୁଶାନ୍ତ କୁମାର ପରିଡ଼ା, ସେକ୍ ଜମାଲୁଦ୍ଦିନ, ଅଧ୍ୟାପକ ସୁଦର୍ଶନ ମଲିକ, ଅଧ୍ୟାପକ ସତ୍ୟନାରାୟଣ ବାରିକ, ସୁଧାଂଶୁ ଶେଖର ରଥ, ସୁବ୍ରତ ଜେନା, ଦୀପ୍ତିପ୍ରକାଶ ମହାନ୍ତି, ପୁଷ୍ପଲତା ଦାସ ପ୍ରମୁଖ ମଞ୍ଚ ପରିଚାଳନା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ, ଆରଭି ପ୍ରତିଭା ଦାୟିତ୍ୱ ନିର୍ବାହ କରିଥିଲେ। ଛାତ୍ରୀମାନେ ବିଭିନ୍ନ ସାମାଜିକ ସମସ୍ୟା ଓ ନିରାକରଣ, ସଚେତନତାକୁ ନେଇ ନୃତ୍ୟ ନାଟିକା, କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ବ୍ରହ୍ମବରଦା, ୪।୧୨(ସମିସ):** ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମ ୧୪ନଂ ୱାର୍ଡର ସାମ୍ବାଦିକ ପ୍ରତାପ ପୃଷ୍ଟିଙ୍କ ପିତା ବ୍ୟବସାୟୀ ରବୀନ୍ଦ୍ର ପୃଷ୍ଟିଙ୍କ(୭୦) ଗତକାଲି ସନ୍ଧ୍ୟାରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁଅବୋହୂ, ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡ଼ପୁଅ ସୁଶାନ୍ତ ପୃଷ୍ଟି ମୁଖାଗ୍ନି ଦେଇଥିଲେ। ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ରସୁଲପୁର ବ୍ଲକ ଉପାଧ୍ୟକ୍ଷଙ୍କ ସ୍ୱାମୀ ଶେଷ ଦର୍ଶନ କରିଥିଲେ।

## ମଦ ଜବତ, ୩ ଗିରଫ



**ସୁକିନ୍ଦା, ୪।୧୨(ସମିସ):** ଅବକାରୀ ବିଭାଗ ସୁକିନ୍ଦା ଓ କାଳିଆପାଣି ଅଞ୍ଚଳରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅବକାରୀ ବିଭାଗ ଏସଆଇ ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ସୋମବାର ଦିନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ଦେଶୀମଦ ଜବତ କରିବା ସହ ପୋଚ ଜବତ କରି ନଷ୍ଟ କରାଯାଇଛି। ଏହି ଘଟଣାରେ ସୁକିନ୍ଦା ଥାନା ଅନ୍ତର୍ଗତ କୁହିକା ଗ୍ରାମର ମାଗୁଣି ଦେହୁରୀଙ୍କ ପୁଅ ପ୍ରତାପ ଦେହୁରୀ(୪୫), କାଳିଆପାଣି ଥାନା ଅନ୍ତର୍ଗତ ପନାସିଆ ଗ୍ରାମର ଜୟୀରାମ ମୁଣ୍ଡାଙ୍କ ପୁଅ ତାସେ ମୁଣ୍ଡା(୨୪) ଓ ସମ୍ବରା ସଏଙ୍କ ପତ୍ନୀ ଝିଲି ସଏ(୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ତିନୋଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି।

## ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା, ୪।୧୨(ସମିସ): ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତର ଜଳେଶ୍ୱରପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ଦୀନବନ୍ଧୁ ସାହୁଙ୍କ ଘରେ ପ୍ରବେଶ କରି ତାଙ୍କ ସ୍ତ୍ରୀ ଭାଇ, ବାପା ଓ ମାଆଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ପୁଲିସ ଗିରଫ କରିଛି। ଜଳେଶ୍ୱରପୁର ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁ ଗତ ୨୯ ତାରିଖରେ ସେହି ଗ୍ରାମର ଦୀନବନ୍ଧୁ ସାହୁଙ୍କ ଘରେ ପ୍ରବେଶ କରି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଭାଇ ଓ ପତ୍ନୀ, ୱାର୍ଡ ସଭ୍ୟା ହରପ୍ରିୟା ସାହୁ ଓ ତାଙ୍କ ବାପା ମାଆଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଗ୍ରାମବାସୀ ଆସିବାରୁ ପ୍ରହଲ୍ଲାଦ ଫେରାର ହୋଇଯାଇଥିଲେ। ଏ ନେଇ ହରପ୍ରିୟା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ପ୍ରହଲ୍ଲାଦ ସ୍ୱାଇଁଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୧୧୪ଟି ଅଭିଯୋଗର ତତ୍କାଳ ସମାଧାନ

ଯାଜପୁର, ୪।୧୨(ସମିସ):



ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାର ସମସ୍ତ ଅଧିକାରୀ ସହୃଦୟତାର ସହ ଅଭିଯୋଗର ସମାଧାନ ଦିଗରେ ଜନଶୁଣାଣି ଶିବିର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷତା କରି ପ୍ରକାଶ କରିଛନ୍ତି। ଉକ୍ତ ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁର ଯୋଗ ଦେଇଥିବାବେଳେ ସହକାରୀ ଜିଲ୍ଲାପାଳ (ସାଧାରଣ ଓ ବିବିଧ) ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ସଞ୍ଜୟ କୁମାର ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଇଂ କ୍ଷେତ୍ରମୋହନ ସାହୁ, ଜଳସେଚନ ଜାରକା ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଇଂ କାମଦେବ ଦାସ, ଜଳସେଚନ ଯାଜପୁର ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡାଇ, ରାସ୍ତା ଓ କୋଠାବାଡ଼ି ଅଧୀକ୍ଷଣ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ଦଳାଇ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣି, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶ୍ରୀନିବାସ କର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧାଶ୍ୟାମ ବେହେରା, ଯାଜପୁର ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜି ଏହି ଶିବିରରେ ୧୧୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୬୫ଟି ବ୍ୟକ୍ତିଗତ ଓ ୫ଟି ସମୂହ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୪୦ଟି ଅଭିଯୋଗ ଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନଜନିତ ୬୪ଟି ଅଭିଯୋଗ ଥିଲା। ଶିବିରରେ ଜିଲ୍ଲାପାଳ ଶ୍ରୀ ରାଠୋର ୧୧୪ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ପଞ୍ଜିକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୭ଟି ଅଭିଯୋଗର ଅଭିଯୋଗକାରୀ ଅନୁପସ୍ଥିତ ଥିଲେ।

### ସୂଚନାଧିକାର ଆଇନ ଅବମାନନା ଘଟଣା

## ଜରିମାନା ଅର୍ଥ ଦାଖଲ କଲେ କନିଷ୍ଠ ଯନ୍ତ୍ରୀ

**ଧର୍ମଶାଳା, ୪।୧୨(ସମିସ):** ସୂଚନା ଅଧିକାର ଆଇନରେ ତଥ୍ୟ ନ ଦେଇ ୧୫ ହଜାର ଟଙ୍କା ଜରିମାନା ଅର୍ଥ ସରକାରୀ କୋଷାଗାରରେ ଦାଖଲ କରିଛନ୍ତି ଧର୍ମଶାଳା ବ୍ଲକ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ। ସୂଚନା ମୁତବକ, ଧର୍ମଶାଳା ବ୍ଲକରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିବା ପରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଜେନା ତଥ୍ୟ ଦେଇ ନ ଥିଲେ। ଫଳରେ ଶ୍ରୀ ବେହୁରା ଏହାକୁ ନେଇ ସୂଚନା ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା ଆୟୋଗଙ୍କ ପକ୍ଷରୁ ମାମଲାର ଯାଞ୍ଚ କରାଯିବ ପରେ ତତ୍କାଳୀନ ଯନ୍ତ୍ରୀ ଶ୍ରୀ ଜେନାଙ୍କୁ ୧୫ ହଜାର ଟଙ୍କା ଆର୍ôଥକ ଦଣ୍ଡ ଦେଇଥିଲେ। ମାସକ ମଧ୍ୟରେ ଶ୍ରୀ ଜେନା ଯଦି ଜରିମାନା ରାଶି ପ୍ରଦାନ ନ କରନ୍ତି, ତେବେ ୨୦୨୪ ଜାନୁଆରୀରୁ ତାଙ୍କ ମାସିକ ଦରମା କିମ୍ବା ପେନସନରୁ କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ମାସ ୨୧ ଓ ୨୨ ତାରିଖରେ ଦୁଇଟି କିସ୍ତିରେ ଶ୍ରୀ ଜେନା ୧୫ ହଜାର ଟଙ୍କା ଦାଖଲ କରିବା ପରେ ଏ ନେଇ ଧର୍ମଶାଳା ବ୍ଲକ ଚିଠି ମାଧ୍ୟମରେ ସୂଚନା ଆୟୋଗ ଓ ଅଭିଯୋଗକାରୀ ଶ୍ରୀ ବେହୁରାଙ୍କୁ ଅବଗତ କରାଇଛନ୍ତି। ସେହିପରି ତଥ୍ୟ ନ ଦେଇ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିବା ତତ୍କାଳୀନ ଧର୍ମଶାଳା ବ୍ଲକ ଏମଆଇ ଜଗମୋହନ ଦାସ ଅଦ୍ୟାବଧି ଜରିମାନା ଅର୍ଥ ଦାଖଲ କରି ନ ଥିବା ଜଣାପଡ଼ିଛି। ସେ ଜରିମାନା ଅର୍ଥ ପୈଠ ନ କଲେ ତାଙ୍କ ଦରମା କିମ୍ବା ପେନସନରୁ ଅର୍ଥ କଟା ହେବ ବୋଲି ନିର୍ଦ୍ଦେଶ ରହିଛି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**ବିଂଝାରପୁର, ୪।୧୨ (ସମିସ):** ବିଂଝାରପୁର ବ୍ଲକ କଏଣା ରଘୁନାଥପୁର ପଞ୍ଚାୟତ ମାଧପୁର ସାଇ ମନ୍ଦିର ନିକଟରେ ନୂତନ କଲ୍ୟାଣୀ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କଏଣା ରଘୁନାଥପୁର ପଞ୍ଚାୟତର ସରପଞ୍ଚ ନିଶିପ୍ରଭା ଜେନା ଯୋଗଦେଇ ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଛାତ୍ର ସଭାପତି ଲେନିନ କୁମାର ଦାସ, ପଞ୍ଚାୟତ ଛାତ୍ର ସଭାପତି ବିଶ୍ୱଜିତ ଧଳ, ପଞ୍ଚାୟତ ଯୁବ ସଭାପତି ରଞ୍ଜନ କୁମାର ବେହେରା, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ସାମଲ, ରଞ୍ଜନ ମଲିକ, ଦେବେନ୍ଦ୍ର ମଲିକ, ଗୁଲୁ ଦାସ, ରତିକାନ୍ତ ମହାନ୍ତି, ରମେଶ ସାହୁ, ସେକ ସଲାଉଦ୍ଦିନ, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ମୁକୁନ୍ଦପାତ୍ର କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ



କବାଟବନ୍ଧ, ୪।୧୨ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ପ୍ରଥମେ କଲେଜର ପ୍ରତିଷ୍ଠାତା ବେଣୁଧର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଅଧ୍ୟକ୍ଷ ହେମନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ନୋଡାଲ ଅଫିସର ତଥା ଇତିହାସ ବିଭାଗ ଅଧ୍ୟାପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦଙ୍କ ପ୍ରତିନିଧି ଉତ୍କଳମଣି ଦାସ ଯୋଗ ଦେଇଥିବାବେଳେ ମୁଖ୍ୟବ୍ୟକ୍ତା ଭାବେ ୧୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷ ଶ୍ରୀମତୀ ବିଶ୍ୱବିଜୟିନୀ ମିଶ୍ର, ରାଇଛନ୍ଦା ସରପଞ୍ଚ ଶ୍ରୀମତୀ ଜ୍ୟୋତିର୍ମୟୀ ଜେନା, ମୁକୁନ୍ଦପାତ୍ର ଡିଗ୍ରୀ କଲେଜ ଅଧ୍ୟକ୍ଷା ଶ୍ରୀମତୀ କବିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ୧୫ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହିତ କ୍ରୀଡ଼ା ପ୍ରତିଯୋଗିତା, ସାମାଜିକ ସଚେତନତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିନିମନ୍ତେ ତିନୋଟି କମିଟି ଗଠନ କରାଯାଇଛି।

ସାଂସ୍କୃତିକ କମିଟି ଅଧ୍ୟକ୍ଷ ଭାବେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର, ରଞ୍ଜନ କୁମାର ଦାସ, ଛାତ୍ରୀ ଆୟେଶା ପଟ୍ଟନାୟକ, କ୍ରୀଡ଼ା କମିଟି ସଦସ୍ୟ ଭାବେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ମନୋଜ କୁମାର ଧୀର, ରମେଶ ଚନ୍ଦ୍ର ନାୟକ, ଛାତ୍ରୀ ପ୍ରତୀକ୍ଷା ସାହୁ ଓ ସାମାଜିକ ସଚେତନତା କମିଟି ସଦସ୍ୟ ଅଧ୍ୟାପକ ଅଭିମନ୍ୟୁ ସାହୁ, ନିରାକାର ରଥ, ଛାତ୍ରୀ ଅନୁସୟା ଦାସଙ୍କ ସମେତ +୨ର ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। ଏହି ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଖେଳକୁଦ, କ୍ୟାରମ, କବାଡି, ଚେସ, ଫୁଟବଲ, ଖୋଖୋ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସଙ୍ଗୀତ, ନୃତ୍ୟ, ପ୍ରବନ୍ଧ, ବକ୍ତୃତା, ଏକକ ନାଟକ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ବାଳିକା ଶିକ୍ଷା, ସାକ୍ଷରତା, ପରିବେଶ, ସଡ଼କ ସୁରକ୍ଷା, ଓ ସାମାଜିକ ଅନ୍ଧ ବିଶ୍ୱାସ ଉପରେ ଅନୁଷ୍ଠିତ ହେବ। ଅଧ୍ୟାପକ ନିରାକାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ

ଧର୍ମଶାଳା, ୪।୧୨(ସମିସ):



ଧର୍ମଶାଳା ବ୍ଲକ ଜାରକାସ୍ଥ ସିଭିକ ସେଣ୍ଟର ପରିସରରେ 'ଜଳ ଯେସନେ ବୃକ୍ଷଛାଇ' ପ୍ରବନ୍ଧ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କବି ଡ. ଗୌତମ ଜେନାଙ୍କ ସଭାପତିତ୍ୱରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଯଜ୍ଞଦତ୍ତ ଆର୍ଯ୍ୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି କବି ବିଦ୍ୟୁତଲତା ଦାସଙ୍କ ସାହିତ୍ୟ କୃତି ଉପରେ ଆଧାରିତ ପୁସ୍ତକ 'ଜଳ ଯେସନେ ବୃକ୍ଷଛାଇ'କୁ ଉନ୍ମୋଚନ କରିଥିଲେ। କବି ଶ୍ରୀମତୀ ଦାସଙ୍କ ଚାରି ଦଶନ୍ଧି ଧରି ସାହିତ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ଏହି ପୁସ୍ତକରେ ପ୍ରାବନ୍ଧିକ ଉତଥାପନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡଃ ବେଣୁଧର ପାଢ଼ୀ ଯୋଗଦେଇ ନାରୀ ସତ୍ତାର ଗୁରୁତ୍ୱକୁ ଏହି ପୁସ୍ତକରେ ପରିପ୍ରକାଶ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ପ୍ରକାଶ ମହାପାତ୍ର ଯୋଗଦେଇ ପ୍ରକାଶିତ ଏହି ପୁସ୍ତକର ଉଚିତ ମୂଲ୍ୟାଙ୍କନ କରିଥିଲେ। ଏହି ପୁସ୍ତକକୁ ପ୍ରାବନ୍ଧିକ ତଥା କବି ମହେଶ୍ୱର ପାଢ଼ୀ ସମ୍ପାଦନା କରିଛନ୍ତି। ପୁସ୍ତକ ସମ୍ପର୍କରେ ଲେଖିକା ବିଦ୍ୟୁତଲତା ଦାସ ସୂଚନା ଦେବା ସହିତ ତାଙ୍କର ସାହିତ୍ୟ କୃତିକୁ ନେଇ ରାଜ୍ୟର ପ୍ରାବନ୍ଧିକ ଲେଖନୀ ମାଧ୍ୟମରେ ପରିପ୍ରକାଶ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। କବି ବନ୍ଦନା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଶ୍ରୀ ପାଢ଼ୀ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। କବି ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କବି ପ୍ରଭାକର ଶତପଥୀ, କବି ଧନଞ୍ଜୟ ସ୍ୱାଇଁ, କବି ରବୀନ୍ଦ୍ର ବିହାରୀ ଓ କବି ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ରଶ୍ମୀରାଣୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ କବି ଡ. ରାଜକିଶୋର ପାଢ଼ୀ, ଭରତ ବେହେରା, ଚିତ୍ତ ମିଶ୍ର, ପଦ୍ମଜା ଶରଣ, ରାମଚନ୍ଦ୍ର ଦାଶ, ଡଃ ପ୍ରଶାନ୍ତ କୁମାର ସ୍ୱାଇଁ, ଡଃ ବିକ୍ରମ ମହାପାତ୍ର, ଦେବାଶିଷ ଚକ୍ରବର୍ତ୍ତୀ, ବିମଳ ପତି, ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାସ, ବନ୍ଦନା ସାମଲ, ପ୍ରେମଲତା ମହାରଣା, ଶିଶିର ପଣ୍ଡା, ବାଇଧର ମାଝି, ସବିତା ମିଶ୍ର, କାମିନୀ ନାୟକ, ଅକ୍ଷୟ ବାରିକ, ଗଣେଶ୍ୱର ବେହେରା, ଅକ୍ଷୟ ଦାସ, ଡ. ମହେଶ୍ୱର ଜେନାସାମନ୍ତ, ଅକ୍ଷୟ କୁମାର ସ୍ୱାଇଁ, ମୋହିତ ଚକ୍ରବର୍ତ୍ତୀ, ରଞ୍ଜିତା ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟତ୍ରୀ ପ୍ରେମଲତା ମହାରଣା ଧନ୍ୟବାଦ ଦେଇଥିଲେ।

## ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ

**କୋରେଇ, ୪।୧୨(ସମିସ):** କୋରେଇ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଚଳିତବର୍ଷ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୩ୟ ଓ ୫ମ ଶ୍ରେଣୀରୁ ୭ଜଣ ଲେଖାଏଁ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହେଇଛନ୍ତି। ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଆଳଦାର ଭାରତୀୟ ବିଦ୍ୟା ନିକେତନର ଛାତ୍ର ଦେବାଶିଷ ରାଉତ, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ଛାତ୍ର ରୁଦ୍ରପ୍ରକାଶ ମହାପାତ୍ର, ମୂଳାପାଳ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ସମରଜିତ ପରିଡ଼ା, ଶଙ୍ଖଚିଲା ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ସଙ୍ଗୀତ ସାହୁ, ଉପୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସୁଭଦ୍ରା ମଲ୍ଲିକ, ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଦୀପଙ୍କର ମଲ୍ଲିକ ଓ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ହୃଷିକେଶ ପରିଡ଼ା ସଫଳତା ହାସଲ କରିଛନ୍ତି।

ସେହିପରି ତୃତୀୟ ଶ୍ରେଣୀରେ ଶଙ୍ଖଚିଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଏମଏସ ଅମିତାଭ ବେହେରା, ମୂଳାପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ହ୍ରିତିକ ରଞ୍ଜନ ଜେନା ଓ ରାଜଲକ୍ଷ୍ମୀ ଜେନା, କିଆପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ସ୍ମୃତି ସୌଭାଗ୍ୟ ପଟ୍ଟନାୟକ, ସୋତି ସରକାରୀ ଉଚ୍ଚ ବିଦ୍ୟାଳୟରୁ ସାଇ ଦେବାନନ୍ଦ ଦାସ, ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶ୍ରୀଆଂଶ ନାୟକ ଓ ପାଣିକୋଇଲି ଉଚ୍ଚବିଦ୍ୟାଳୟରୁ ଅର୍ଚ୍ଚିତା ପ୍ରିୟଦର୍ଶିନୀ ପାତ୍ର ସଫଳତା ହାସଲ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ସମୟରେ କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ଏବିଓ ରାଧାମୋହନ ମୁଣ୍ଡା ପ୍ରମୁଖ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଯାଜପୁର ଜିଲ୍ଲା ଏଲିମେଣ୍ଟାରୀ ବି.ଇଡି ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

### ରମେଶ ଦାସ ସଭାପତି, ରମେଶ ଜେନା ସମ୍ପାଦକ



ଧର୍ମଶାଳା, ୪।୧୨(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥ ତ୍ରିନାଥ ମନ୍ଦିର ପରିସରରେ ଏଲିମେଣ୍ଟାରୀ ବି.ଇଡି ଶିକ୍ଷକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ଲକ୍ଷ୍ମଣ କୁମାର ମହାନ୍ତି ଯୋଗଦେଇ ସଂଘର ସ୍ୱନକ୍ଷତ୍ର ଉତ୍ସବ ମହାସମାରୋହ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ରାଜ୍ୟ ସରକାର ଆଗାମୀ ଦିନରେ କ୍ୟାଡ଼ର ରୁଲ ସଂଶୋଧନ କରିବାକୁ ଯାଉଥିବାରୁ ଏହାକୁ ବୈଠକରେ ସ୍ୱାଗତ କରାଯାଇଥିଲା। ଏ ଅବସରରେ ସାଙ୍ଗଠନିକ କର୍ମକର୍ତ୍ତା ଚୟନ କରାଯାଇଥିଲା। ରମେଶ ଚନ୍ଦ୍ର ଦାସ ସଭାପତି, ବିଜୟ କବି ଉପସଭାପତି, ରମେଶ ଚନ୍ଦ୍ର ଜେନା ସମ୍ପାଦକ, ବିଜୟ ମଲ୍ଲିକ କାର୍ଯ୍ୟକାରୀ ସଭାପତି, ଅରୁଣ ମଲିକ ସଂଗଠନ ସମ୍ପାଦକ ଓ ଅରୁଣ କୁମାର ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ବୈଲୋଚନ ଦାସ ଓ ଶ୍ୟାମସୁନ୍ଦର ଶାନ୍ତିଙ୍କୁ ମିଡ଼ିଆ କୋଡିନେଟର ଓ ବଳରାମ ପତି, ସଚ୍ଚିକାନ୍ତ ମିଶ୍ର, ଲକ୍ଷ୍ମଣ ନାରାୟଣ ରାଉତ, ମନୋଜ ଚନ୍ଦ୍ର ଚକ୍ର ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ମହିଳା ସଦସ୍ୟା ଭାବେ ହିଲ୍ଲୋଲିନି ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ଅମରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

